

Digitized by srujanika@gmail.com

ଶୁଆ ଶାରୀ କାହାଣୀ

ପଞ୍ଚମ ଭାଗ

ଲେଖକ —

ଶ୍ରୀ ବୀର କିଶୋର ରାୟ

ଅଷ୍ଟମ ମୁଦ୍ରଣ — ୧୯୭୫

ପ୍ରକାଶକ —

ଶାରଦା ପ୍ରେସ

ସେକ୍ ବଜାର, କଟକ-୧

ମୂଲ୍ୟ — ଟ ୧-୭୫

[ସର୍ବସ୍ୱତ୍ୱ ସଂରକ୍ଷିତ]

Digitized by srujan ka@gmail.com

ସୂଚୀପତ୍ର

ବିଷୟ		ପୃଷ୍ଠା
୧ ।	କୃଷ୍ଣା କୁମାରୀ ଓ ବିଧୁ କୁମାର କାହାଣୀ	୩
୨ ।	ଶଶୀ ଶେଖର ଓ ତଗରବାଳା କାହାଣୀ	୨୧
୩ ।	ପ୍ରଭାରର ତପସ୍ୟା	୪୭
୪ ।	ସନ୍ଧ୍ୟାବାଳୀ ଭେଟ	୫୨
୫ ।	କନକ ଚମ୍ପା ମୁକ୍ତି	୬୧
୬ ।	ଶୁଆ ଶାରୀ ମିଳନ	୬୫

Digitized by srujan ka@gmail.com

ମନ ମହ୍ଲିକିଆ

ଶୁଆ ଶାରୀ କାହାଣୀ

(ପଞ୍ଚମ ଭାଗ)

ଶୁଆ କହିଲା—ବୁଝିଲୁ ନା ଶାରୀ ! ଭଗବାନ ଯେବେ ତୋତେ ସୃଷ୍ଟି କଲା ଏଭଳି ଏ କଲା ରୂପଟା ନ ଦେଇ, ମୋ ଭଳି ସୁନ୍ଦର ଚେହେରା ଦେଇଥାନ୍ତେ, ତେବେ ତୁ କହନ୍ତୁ ଏ ଦୁନିଆଯାକ ମାଇପି ଲୋକଙ୍କୁ ପ୍ରଶଂସା କରିବାକୁ । ହେଲେ କଣ ହେବ, ଚେହେରା ତ ନାହିଁ । ଥଣ୍ଟ ବୋଲି ପାଇଛୁ ଏତେ ଟିକିଏ । ନଳି ନଳି ଗୋଡ଼ ଦି'ଖଣ୍ଡ । କାନରେ ଦି'ମେଞ୍ଚା ବାଳଗଛା । ଏଥିରେ ପୁଣି ଗୁମର ଦେଖ ! ଓ-ହୋରେ ଛଇ ?

ଛଇକି ଦେଖ, ରୂପ ନିରେଖ
ଲୁକି କାଉ ଭଳି ଗେଜେରା ବେକ ।
ଏଥିରେ ତ ଏତେ କରୁଛୁ ଦାଉ
କେତେ ଦେଖାନ୍ତୁ ଲୋ ବାହାଦୁରୀ ପଣ
ରୂପ ଖଣ୍ଡେ ଯେବେ ଥାଆନ୍ତା ଆଉ ।

ଶାରୀ କହିଲା—ଆରେ ଯାଆରେ, ବଙ୍କା ଥଣ୍ଟିଆ, ଭୁରୁଙ୍ଗା ମୁହାଁ ! କେତେ ଫାଜିଲମି ଦେଖାଉଛୁ ? ଛାତିରେ ଦମ୍ ଅଛି ଯେବେ କାହାଣୀ ପ୍ରତିଯୋଗିତା କର । ପୁରୁଷମାନଙ୍କ ବାହାଦୁରୀ କେତେ ଜାଣିଛୁ ଗୋଟିକ ପରେ ଗୋଟିଏ କହ । ମିଛଟାରେ ଏ କାନଫୁଲ ଛାତିଫୁଲା କାହିଁକି ?

Digitized by srujan ka@gmail.com

କଥାରେ ଅଛି—

ବାଁଶରେ ପିଠା କୋରୁଆ
ଏତେ ଗୁଣ ଅଛି ତୋ ପେଟରେ ବୋଲି
ଜଣା ନ ଥିଲା ରେ ଶୁଆ ।
ଗଛକୁ ଫିଙ୍ଗିଲି ଗୋଡ଼
ତୋ ପାଳ ତୁ କହ, ମୋ ପାଳ ପଡ଼ିଲେ
ଉଡ଼ାଇଣ ଦେବ ଥୋଡ଼ି ।

ଶୁଆ କହିଲା—କେମନ୍ତ, ଏତେ ସାହସ ତୋର ? ଆଗୁ, ଏ ଥର କାନଥା ଶାଣ ଦେଇ ଚକାମାଡ଼ି ବସ । ମୁଁ ଆରମ୍ଭ କଲି ଖୁବ୍ ଜୋରସୋରରେ—

ଧମାଧମ, ତାଜା କଦମ, ଗମ ଗମିଆ ଖରା
କେତେମେଇ ଖଣ୍ଡ ଗୃହଳ ଛି ଧୀରେ ହାତରେ ସୁନା ଗରା ।
ବଉଳା ଗାଈ କାକୁଡ଼ି ଖାଇ ହାକୁଛି ମାର ଯାଏ
ମାଙ୍କଡ଼ ଛୁଆ ଧାକଡ ଧୁମ୍ ଧାକଡ ଧୁମ୍ ଧାଏଁ ।
ବିଲୁଆ ନନା ମଶାଣି କନା ଚରୁଛି ଫର ଫର
ଗାଆଁ ମୁଣ୍ଡରେ ଗୃଉଳ କଳ ଗୃଲିଛି ଘର ଘର ।
ଆକୁ ବ୍ଲକରେ କାଲୁ ସାମଲ ଡାକୁଅ କରି କରି
ପାନ ଗୃବେଇ ମାଳକୁ ଗଲା କାଠ ବାଉଁଶ ଧରି ।
ବଡ଼ି ମରୁଡ଼ି ଝଡ଼ିରେ ଆମେ ଓଡ଼ିଆ ଭାଇ ଯାକ
ଗୋଡ଼ ପୁରାଇ ମୋଡ଼ ହେଲୁଣି କାନ ସାଙ୍ଗରେ ନାକ ।
ଯୋଜନା ଆସେ ତା ବାଟ ଧରି ପୁଣି ତା ବାଟେ ଯାଏ
ଭାଗ୍ୟ ଯାହାର ସଳଖ ସେହି କଚ୍ଛି କଚ୍ଛି ବା ଖାଏ ।
କୋଟି ସଂଖ୍ୟାରେ ପଡ଼ିଛୁ ଆମେ ତୋଟି ଶୁଖିଲା କରି
ସମୂହ ଚନ୍ଦା ନାହିଁ କାହାର—ଭରସା ଏକା ହରି ।

Digitized by srujan ka@gmail.com

ଜୟ ମହାତ୍ମା ଆଲୋକ ଦାତା ଏ ଘଡ଼ିସନ୍ଧ ସ୍ଥଳେ
କରୁଣା କର ଆସିବା ହେଉ ଥରେ ଏ ଧରାତଳେ ।
ତୁମର ସତ୍ୟ ଅହିଂସା ମନ୍ତ୍ର
ଏ ଦେଶ ପାଇଁ ପୁଣି ସ୍ୱତନ୍ତ୍ର ।
ହୋଇବ ଯେବେ ଅବଲମ୍ବନ
ତେବେ ବା ହେବ ଦୁଃଖ ମୋଚନ
ନ ହେଲେ ଗଲା ସବୁ
କୃଷ୍ଣା କୁମାରୀ ବଧୂ କାହାଣୀ
ଶାରୀ ଲୋ ଶୁଣୁ ଥିବୁ ।

ଶାରୀ କହିଲା—ଯାହା କହିବାର କହି ଯା । ମୁଁ କାନ ଡେରି, ମନ ମାରି, ପିଣ୍ଡ ପାରି ସବୁ ଶୁଣୁଛି ।

କୃଷ୍ଣା କୁମାରୀ ଓ ବଧୂ କୁମାର କାହାଣୀ

ଶୁଆ କହିଲା—ପ୍ରବୀର ବଚରା ମହାତ୍ମା ମରୁତ ସେନଙ୍କ ପାଖରୁ ବିଦାୟ ନେଇ ମନ ମଉଜରେ ଚାଲିଛି । ବଣ ବାଟ । ଲୋକବାକ କେହି ଗୋଟିଏ ନାହାନ୍ତି । ଯୁଆଡେ ଅନାଇବ ସିଆଡେ ଖାଲି ମାଙ୍ଗି ମାଡ଼ି ପଡ଼ିଛି । ବାଘ ଭାଲୁଙ୍କ ଗର୍ଜ୍ଜନ ଶୁଣାଯାଉଥାଏ । ହରିଣ, ସମ୍ବର, ବାରହା ପଲକୁ ପଲ ଏଣେ ତେଣେ ଦଉଡ଼ିଥାନ୍ତି; ମାତ୍ର କୌଣସି କଥାକୁ ଭ୍ରୂକ୍ଷେପ ନ ଥାଏ ପ୍ରବୀରର । ସେ ଚାଲିଥାଏ ଗୋଟାଏ ଦୁର୍ଦ୍ଦାନ୍ତ ବୀର ପରି ।

ଜଣେ ତେଜସ୍ୱାନ ଯୁବକ । ଯୁବକ ବି ନୁହେଁ ପ୍ରୌଢ଼ । ବର୍ଣ୍ଣ ତମ୍ବା ତାର ପରି । ଟିପ ମାରିଦେଲେ ଦେହରୁ ରକ୍ତ ବାହାରି ପଡ଼ିବ । ସୌମ୍ୟ ଚେହେରା । ମୁହଁରେ ଦାଢ଼ୀ ନିଶ ସାଲୁ ସାଲୁ । ବୋଧହୁଏ ସେ କ୍ଷୌର ହୋଇ ନ ଥାଏ ଅନେକ ଦିନ ହେଲା । ପିନ୍ଧିବା ବସ୍ତ୍ର ଖଣ୍ଡିଏ ଛଡ଼ା ଆଉ ପାଖରେ କିଛି ନାହିଁ । ସେହି

Digitized by srujan ka@gmail.com

ପ୍ରୌଢ଼ ଜଣକ ଗୋଟିଏ ଗଛମୂଳେ ବସି କଅଣ ଗୋଟାଏ ପିତୁଳା ତିଆରି କରୁଥାଏ । ବୀରବରକୁ ଦେଖି ଇଙ୍ଗିତ କଲା ତା ପାଖକୁ ଯିବାପାଇଁ ।

ବୀରବର ବି ଗଲା । ପଚାରିଲା—ଆପଣ କିଏ ? ନିତାନ୍ତ ଅସହାୟ ପରି ଏଠାରେ ବସିବାର କାରଣ କଣ ?

ପ୍ରୌଢ଼ ଜଣକ କହିଲା—

ଅବିଶ୍ୱାସୀ ନାରୀ ଜାତି ଜାଣି ମୁଁ ନ ଥିଲି
ବିଶ୍ୱାସରେ ଏବେ ବିଷ ମିଶାଇ ପିଇଲି ।
ଘାରୁଛି ସେ ବିଷ ଯେଣୁ ଅନ୍ତରରେ ଆସି
ତେଣୁ ହୋଇଛି ହେ ବୀରବର ବନବାସୀ ।

ପଚାରିଲା—ଏହାର ଅର୍ଥ ?

କହିଲା—ଯଦି କଷ୍ଟକରି ଟିକିଏ ସମୟ ଦେଇପାରିବ, ତେବେ ସବୁ କଥା କହିବି ।

ବୀରବର କହିଲା—ନିଶ୍ଚୟ ବସିବି । ଆପଣ କୁହନ୍ତୁ ।

ପ୍ରୌଢ଼ ଜଣକ କହିଲା—ମୋ ନାଁ ବିଧୁକୁମାର । କାନ୍ୟ-କୁବ୍ଜ ରାଜ୍ୟରେ ମୋର ଘର । ବାପାଙ୍କ ନାଁ ଦ୍ୟୁମତ୍‌ସେନ୍ । ସେ ବି ସାଧାରଣ ଲୋକ ନୁହନ୍ତି । ରାଜ୍ୟର ରାଜା । ପ୍ରବଳ ପ୍ରତାପୀ ଓ ପ୍ରଜାବତ୍ସଳ । ତାଙ୍କୁ ଶତ୍ରୁମାନେ ଭୟ କରନ୍ତି ଯେମିତି, ପ୍ରଜାମାନେ ବି ଭକ୍ତି କରନ୍ତି ସେମିତି ।

ମା'ଙ୍କ ନାମ ପାଟରାଣୀ ପୀତାମ୍ବରୀ ଦେବୀ । ତାଙ୍କ ଗର୍ଭରୁ ମୁଁ ଏକମାତ୍ର ପୁଅ ଜନ୍ମ ହୋଇଥିଲି । ମୋର ଆଉ ଭାଇ ଭଉଣୀ କେହି ନ ଥିଲେ । ବଡ଼ଲୋକ ଘରେ ଗୋଟିଏ ମାତ୍ର ସନ୍ତାନ ହେଲେ ଯେପରି ହେଲାଗେହ୍ଲାରେ ବଢ଼ିବାର କଥା, ସେହିପରି ମୋତେ ପାଳିଥିଲେ ସେମାନେ । ତେଣୁ ମୁଁ ହୋଇଥିଲି ଅତିଶୟ ଅଳ୍ପୁଆ ।

Digitized by srujan ka@gmail.com

ଯେତେବେଳେ ଯାହା ଲୋଡ଼ୁଥିଲି, ସେମାନେ ତାହା ଯୋଗାଇ ଦେବାରେ ତ୍ରୁଟି କରୁ ନ ଥିଲେ ।

ଦିନ ଆସିଲା । ମୁଁ ଯୁବକ ହେଲି । ବାପାଙ୍କର ବୟସ ଟିକିଏ ବେଶି ହୋଇ ଆସିଲା । ରାଜକାର୍ଯ୍ୟରେ ଦେଖା ଦେଲା ଗୋଳମାଳିଆ । ରାଜ୍ୟ ଖବର ସେ ଉଚିତମତ ବୁଝାସୁଝା କରି ନ ପାରି ମୋତେ ଯୁବରାଜ କରିଦେଲେ । ମୁଁ ପୂରାଦମ୍‌ରେ କାର୍ଯ୍ୟ ଚଳାଇଲି । ପ୍ରଜାମାନଙ୍କର ବହୁତ ସୁବିଧା ହେଲା । ଆୟ ବୃଦ୍ଧି ହେତୁ ରାଜକୋଷ ବି ମୋଟେଇ ଚାଲି । ସମସ୍ତେ ମୋର ସୁନାମ ଗାଉଥାନ୍ତି । ଏମିତି ଅବସ୍ଥାରେ ମା ମୋର ସମସ୍ତଙ୍କୁ କନ୍ଦାଇ ଚାଲିଗଲେ ଅମର-ଧାମକୁ ।

ଅମାତ୍ୟମାନେ କହିଲେ—ଯୁବରାଜଙ୍କୁ ବିଭା କରିଦିଅ । ମାତ୍ର ବାପା ସେ କଥାକୁ ପସନ୍ଦ କଲେ ନାହିଁ । କହିଲେ—ବାଇଶି ବର୍ଷ ଟପି ନ ଗଲେ ତାର ବିଭାଘର ହୋଇପାରିବ ନାହିଁ ।

ମୋର ବି ତାଙ୍କ କଥାରେ ସମର୍ଥନ ଥିଲା । ତେଣୁ ମୁଁ ଅମାତ୍ୟମାନଙ୍କୁ ଶୁଣାଇ ଦେଲି—ମୋ ବିଭାଘର କଥା ଉପରେ ମୋଟେ ନ ପଡ଼ି ।

ହେଲଇଆ ହେଲା । ବାପା ପୁଣି ଥରେ ବୃଦ୍ଧ ବୟସରେ ଦ୍ୱିତୀୟ ଦାର ଗ୍ରହଣ କଲେ । ଯାହାଙ୍କୁ ଗ୍ରହଣ କଲେ, ତାଙ୍କ ବୟସ ସତର । ମୋ ଅପେକ୍ଷା ବି ବର୍ଷେ କମ୍ । ବାପାଙ୍କ ବୟସ ଷାଠିଏରୁ ବେଶି ।

ତାଙ୍କ ନାଁ । ହେମ ମଞ୍ଜରୀ ଦେବୀ । ରାଜବାଟୀରେ ପାଦ ଦେଇ ଅନ୍ତଃପୁର ଆଲୋକିତ କଲେ । ବାପା ରହିଲେ ତାଙ୍କର କଥାରେ । ରାଜ୍ୟ ଖବର ପ୍ରତି ମୋଟେ ଧ୍ୟାନ ଦେଲେ ନାହିଁ । ହେମ ମଞ୍ଜରୀ ଯେତେବେଳେ ଯାହା କହିଲେ, ତାଙ୍କ କଥା କାଟି କିଛି କରିବା ଯୁ ତାଙ୍କର ନ ଥିଲା । ଲୋକେ ଏ ଭଳି ଘଟଣା

Digitized by srujan ka@gmail.com

ଦେଖି ତାଙ୍କୁ ଘୃଣା କଲେ । ତଥାପି ତାଙ୍କର ପରିବର୍ତ୍ତନ ଆସିଲା ନାହିଁ । ସେ ସବୁବେଳେ ରହିଲେ ହେମ ମଞ୍ଜରୀଙ୍କ କଥାରେ ।

ହେମ ମଞ୍ଜରୀଙ୍କର ବାପଙ୍କର ରାଜ୍ୟରେ ଜଣେ ଯୁବକ ଥିଲା । ଦେଖିବାକୁ ଭାରି ସୁନ୍ଦର । ସେ ତାଙ୍କ ରାଜ୍ୟର ଦରବାରରେ କିଛି ଗୋଟାଏ ଚାକିରୀ କରୁଥିଲା । ଏ ମଧ୍ୟରେ ହେମ ମଞ୍ଜରୀ ଆମ ବାପାଙ୍କୁ କହି ସେ ଯୁବକକୁ ଅଣାଇଲେ ଆମ ରାଜ୍ୟକୁ । ସେନାପତିଙ୍କ ସହକାରୀ ସେନାପତି ହିସାବରେ କାମ ଦିଆଗଲା । ମୁଁ ସବୁ କଥା ଦେଖୁଥାଏ, ଜାଣୁଥାଏ; ମାତ୍ର ରଜାଙ୍କ ଆଦେଶ ଉପରେ କିଏ କରନ୍ତୁ ? ସୁତରାଂ ସେହି ଯୁବକ, ନାମ ତାର ଗୋବିନ୍ଦ । ଆମ ରାଜ୍ୟର ଶ୍ରେଷ୍ଠ ସେନାପତି ହୋଇ ରହିଲା ।

ହେମ ମଞ୍ଜରୀଙ୍କର ତା ଉପରେ ଅଗାଧ ବିଶ୍ୱାସ । ଲେଖା ଯୋଖା ହିସାବ ସୁଝାଇ ସେ ତାକୁ ଭାଇ ବୋଲି ଡାକନ୍ତି । ସେ ହେମ ମଞ୍ଜରୀଙ୍କୁ ହେମ ବୋଲି ଡାକେ । ରଜାଙ୍କୁ କରେ ଭିଣୋଇ ହିସାବ । ରଜା ବି ତା ସଙ୍ଗେ ଶଳା ପରିହାସ କରନ୍ତି । ପତିଆରାର ସୀମା ନ ଥାଏ । ରଜାଙ୍କ ଜ୍ଞାତସାରରେ ସେ ଆସେ ହେମ ମଞ୍ଜରୀଙ୍କ ଉଆସକୁ । ବସେ, ଜଳଖିଆ, ସର୍ବତ, ପାନ ଖାଏ । ଗପସପ କରେ । ବାହାରୁ କେତେବେଳେ କିଛି ଦରକାର ପଡ଼ିଲେ ଆଣି ଦିଏ । ସେଥିପାଇଁ ରଜା ତାକୁ ଅବିଶ୍ୱାସ କରନ୍ତି ନାହିଁ କି କିଛି କହନ୍ତି ନାହିଁ ।

ସେ ହୋଇଥାଏ ହେମ ମଞ୍ଜରୀଙ୍କ ଭାଇ ।

ମୋର ସେତେବେଳେ ରାଜ୍ୟରେ ଖୁବ୍ ପ୍ରତିପତ୍ତି ବଢ଼ି ଚାଲି-ଥାଏ । ପ୍ରଜାମାନେ ମୁକ୍ତକଣ୍ଠରେ ପ୍ରଶଂସା କରୁଥାନ୍ତି । ମୁଁ ଖାଲି ହୁକୁମ ଦେଇ ଶାସନ ଚଳାଏ ନାହିଁ । ନିଜେ ଗ୍ରାମ ଓ ନଗରମାନ ବୁଲି, ପ୍ରଜାମାନଙ୍କ ଦୁର୍ଦ୍ଦଶା ନିଜ ଆଖିରେ ଦେଖି, ନିର୍ଜ୍ଜନ ରାତିରେ ଖୁବ୍ ଗୁପ୍ତ ଅନୁସନ୍ଧାନ ନେଇ ଶାସନ କାର୍ଯ୍ୟ ଚଳାଏ । ରାଜ୍ୟରେ

Digitized by srujan ka@gmail.com

କାନ୍ତି ହେଲେ ବିଶୃଙ୍ଖଳା ଦେଖାଦିଏ ନାହିଁ । ସମସ୍ତେ ମୋ କଥାକୁ ଖୁବ୍ ଗୌରବ କରନ୍ତି । ଆଦେଶକୁ ମାନି ନଅନ୍ତି ଦେବତାର ଆଜ୍ଞା ପରି ।

ରାତିରେ ଗୁପ୍ତବେଶ ଧରି ମୁଁ ନଗର ପର୍ଯ୍ୟଟନ କଲାବେଳେ ହେମ୍ ମଞ୍ଜରୀ ଓ ଗୋପଗୃହଙ୍କୁ ଦେଖେ ପୁଷ୍ପ ଉଦ୍ୟାନର ବିଳାସ ମଣ୍ଡପରେ । ନିର୍ଜ୍ଜନ ରାତିର ବୁକୁପଞ୍ଜରା ଭେଦି ସେମାନେ ଚଳାଇ-ଥାନ୍ତି ପ୍ରେମର ଅଭିଯାନ । ମନଭରି ଶରୀର ଓ ମନକୁ ଉପଭୋଗ କରନ୍ତି । ବହୁତ କିଛି ଗୁପ୍ତ ଆଲୋଚନା ବି ଚାଲେ । ସେହି ବିଳାସ ପ୍ରକୋଷ୍ଠର ପଛଆଡେ ଲୁଚି ମୁଁ ସବୁ ଶୁଣେ । ସେମାନେ କିନ୍ତୁ ମୋ ଉପସ୍ଥିତି ଜାଣି ପାରନ୍ତି ନାହିଁ ।

ଦିନକର କଥା । ସେ ଦୁହିଙ୍କର ରଙ୍ଗ ରହସ୍ୟ ଚାଲିଥିଲା ବେଳେ ମୁଁ ଲୁଚି ଲୁଚି ସବୁ ଶୁଣୁଥାଏ । ସବୁ କଥା ସରିଲା । ଶରୀର ଉପଭୋଗ କରିସାରି ଦୁହେଁ ମନର କ୍ଷୁଧା ମେଣ୍ଟାଇ ନେଲେ । ସର୍ବତ ପିଇ ଶାନ୍ତ ସୁସ୍ଥ ହୋଇ ବସିଲା ପରେ ସେମାନଙ୍କର ଆଲୋଚନା ଚାଲିଲା ରଜାଙ୍କୁ ମାରି କଣ୍ଟା ହଟାଇ ଦେବାକୁ ।

ଶୁଣିବାକୁ ମାତ୍ରେ ଦେହଟା ସହିଲା ନାହିଁ ମୋର । ହଠାତ ଦେଖାଦେଇ ଦୁହେଁ ମୁହେଁ କହିଦେଲି—ଦେଖ କୋତ୍ୱାଳ, ତୁମେ ଏକ ପ୍ରକାର ସ୍ୱାଧୀନତା ପାଇଛ । ଯାହା କରିବାର କରୁନ କର; ସେଥିପାଇଁ ମୁଁ ଟିକିଏ ହେଲେ ବାଧା ଦେବନାହିଁ କି କାହାରି ଆଗରେ କହିବି ନାହିଁ । ରଜାଙ୍କୁ ହତ୍ୟା କରିବାପାଇଁ ଚେଷ୍ଟା କଲେ କଠିନ ଶାସ୍ତିର ବ୍ୟବସ୍ଥା କରିବ ।

ମୋ କଥା ଶୁଣି ଦୁହେଁ ଚମକି ପଡିଲେ । ବୋଧହୁଏ କିଛି କହିଥାନ୍ତେ ବା କିଛି କରିଥାନ୍ତେ; ମାତ୍ର ଏତିକି କହି ସାରିବା ପରେ ମୁଁ ଚାଲିଗଲି ଅନ୍ୟ ଆଡେ । ସେହିଦିନଠାରୁ ଦେଖିବାକୁ ମିଳିଲା, ହେମ ମଞ୍ଜରୀ ମୋ ପ୍ରତି ଆକୃଷ୍ଟ ହୋଇଛନ୍ତି । ଆଖିରେ, ମୁହଁରେ

Digitized by srujan ka@gmail.com

ତାଙ୍କର ମିଳନର କ୍ଷୁଧା । ମନ ଭିତରେ ଅପାର ପ୍ରସନ୍ନତା । ଏମିତି କି ମୋ ସଙ୍ଗେ କଥା କହିଲା ବେଳେ ଚନ୍ଦ୍ରହାସ କହି ପକାନ୍ତି ।

ଦିନେ ସନ୍ଧ୍ୟାବେଳେ ରଜା ଯାଇଛନ୍ତି ଶୀକାରକୁ । ଦୁଇ ଦିନ ପରେ ତାଙ୍କର ଆସିବାର ଥାଏ । ଏହି ସୁବିଧା ପାଇ ରାତି ପ୍ରହର ବେଳକୁ ଗୋଟିଏ ଦାସୀ ଆସି ମତେ କହିଲା—ରାଣୀ ମା ଡାକୁଛନ୍ତି ।

ରାଣୀଙ୍କ ଆଜ୍ଞା । ଭାଙ୍ଗି ଦେବାପାଇଁ ମୋର ଶକ୍ତି ନ ଥିଲା । ତେଣୁ ଯାଇ ଦେଖା କଲି । ସେ ମତେ କିଛି ଜଳଖିଆ ଖାଇବାକୁ ଦେଲେ; ଖାଇଲି । କହିଲେ—ପଲଙ୍କରେ ବସ, କିଛି କଥାବାର୍ତ୍ତା ଅଛି । ବସିଲି ।

ମଦ୍ୟପାନ ଆଣି ପାଖରେ ରଖିଲେ ଏବଂ କପର ଏକ ବେପାଙ୍ଖ ଗୃହାଣୀରେ ଅନାଇଁ ଦେଖାଇଲେ ଏକ ନିର୍ଲ୍ଲଜ ବ୍ୟବହାର । ତା ପରେ ମୋତେ ପ୍ରେମ ନିବେଦନ ବି କଲେ । ତାଙ୍କର ଏପରି ହାବଭାବ ଦେଖି ମୋତେ ଭାରି ଲାଜ ମାଡ଼ିଲା । ମୁଁ ତଳ ଉପର କିଛି ବିଚାର କରି ପାରିଲି ନାହିଁ । ଇଚ୍ଛା ଅନୁସାରେ ତାଙ୍କୁ ଗାଳି ଦେଲି ଏବଂ ସେଠାରୁ ବାହାରି ଆସିଲି ।

ମୋ ବ୍ୟବହାରରେ ଭାରି କ୍ଷୁର୍ଣ୍ଣ ହେଲେ ସେ । ମନକଥା ମନରେ ରଖି ରଜାଙ୍କୁ କହିଲେ—ବିଧୁ କୁମାର ନିର୍ଜ୍ଜନ ରାତିରେ ମୋ ଉଆସକୁ ଆସି ମୋ ସଙ୍ଗେ ପାପ ପ୍ରଣୟ କରିବାକୁ ବସିଥିଲା । ମୁଁ ଅବଳା ଲୋକ । ତାକୁ ବାଧା ଦେବାର ଶକ୍ତି ମୋର ନାହିଁ । ତେଣୁ ଖଟତଳେ ଲୁଚି ସତୀତ୍ୱ ରକ୍ଷା କରିବାକୁ ଚେଷ୍ଟା କଲି । ସେ କଥା ନ ମାନି ଜବରଦସ୍ତି ମୋତେ ଟାଣି ଆଣି ତା ଛାତି ଉପରକୁ ଭିଡ଼ି ନେଲା ଓ ଚୁମ୍ବନ ଦେଲା । କୁଚ ଉପରେ ହାତ ପକାଇବାରୁ ମୁଁ ଦାସୀମାନଙ୍କୁ ଡାକି ପକାଇଲି । ତେଣୁ ମନରେ

Digitized by srujan ka@gmail.com

ଭସ୍ମ କଲ କି କଣ, ପଳାଇ ଯାଉ ଯାଉ କହିଲ--ଆଚ୍ଛା, ମୁଣି ପରେ ତୁମ କଥା ବୁଝାଯିବ । ରାଜାଙ୍କୁ ହତ୍ୟା କରି ନିଶ୍ଚେ ତୁମକୁ ଉପଭୋଗ କରିବ । ଏ କଥା ଯେବେ ନ କରେ, ତେବେ ମୋ ନାଁ ବିଧୁ କୁମାର ନୁହେଁ ।

କଥାଟା ଶୁଣି ବାପାଙ୍କ ମୁଣ୍ଡ ଭିତରେ ଜାଗିଉଠିଲା ସମ୍ମାନ । ସେ ଆଉ ଆଗ ପଛ କିଛି ବିଚାର କଲେ ନାହିଁ କି ମୋତେ ଡାକି କଥାଟାର ସତ୍ୟ ମିଥ୍ୟା ପରୀକ୍ଷା କଲେ ନାହିଁ । ଘାତକକୁ ଆଦେଶ ଦେଲେ---ନିବିଡ଼ ବନସ୍ତରେ ଯେଉଁଠି ବାଘ, ଭାଲୁଙ୍କର ଆଡ୍ଡା, ସେଇଠି ହାତ ଗୋଡ଼ ବାନ୍ଧି ଫିଙ୍ଗି ଦେଇ ଆସିବାକୁ ।

ଘାତକ ବିଚରା କରେ କଣ ? ପେଟ ମୁଠାକର ଚାକର । ଆଦେଶ ନ ପାଳିଲେ ଦାନାପାଣି ଯିବ । ତେଣୁ ସାଥେ ସାଥେ ମୋ ହାତ ଗୋଡ ବାନ୍ଧି ଫିଙ୍ଗି ଦେଇ ଗଲା ଜଙ୍ଗଲରେ ।

ଭାରି କଷ୍ଟ ଲାଗୁଥାଏ । ମଣିଷ କିପରି ନିଜର ନିର୍ଦ୍ଦୋଷତା ପ୍ରମାଣ କରିବାକୁ ଅପର ଉପରେ ସବୁ ଦୋଷ ଲଦି ଦେଇପାରେ, ଏ କଥା ଭାବି ଆଖିରୁ ଅଶ୍ରୁଧାରା ନିଗିଡ଼ି ପଡୁଥାଏ । ମନ କାନ୍ଦୁଥାଏ– ପ୍ରାଣଟା ଶୀଘ୍ର ଯାଉ ଚାଲି । ମାତ୍ର ଭଗବାନଙ୍କର ବରାଦ ଥାଏ ଅନ୍ୟ ପ୍ରକାର । ତେଣୁ ବାଘ ଭାଲୁ ଆସିଲେ ନାହିଁ କି ମୋତେ ଖାଇଲେ ନାହିଁ ।

ରାତି ଆସି ପ୍ରହରେ ହୋଇବ, ଶୁଣିଲି ଗୋଟିଏ ରମଣୀ ଖୁବ୍ ବିକଳ ହୋଇ କାନ୍ଦୁଛି, ଆଉ ଜଣେ ପୁରୁଷ ପାଟି କରି ତାକୁ ଗାଳି ଦେଉଛି । କାନପାରି ସବୁ ଶୁଣିଲି । କିଛି କରି ପାରିବା ଉପାୟ ନ ଥିଲା । କାରଣ ବନ୍ଧନ ଦଉଡ଼ି ଭାରି ଶକ୍ତ ଓ ତାର ଗଣ୍ଠି ଗୁଡ଼ିକ ଆହୁରି ଶକ୍ତ । ଚେଷ୍ଟା କରି ଦେଖିଲି, ଫିଟିବାର କୌଣସି ଉପାୟ ନାହିଁ । ଗଡ଼ି ଗଡ଼ି ଗଲି ଗୋଟାଏ ପଥର ପାଖକୁ । ପଥରଟା ମାଟି ଭିତରୁ ଉଠି ଉପରକୁ ଦେଖା ଯାଉଥାଏ ବିଖଣ୍ଡେ

Digitized by srujan ka@gmail.com

ଖଣ୍ଡେ । ଉପରଟା ପତଳା ହେତୁ ଏକ ପ୍ରକାର ଧାରୁଆ ହୋଇଥାଏ । ଏ' ହାତରେ ଯେଉଁ ଗଣ୍ଠି ପଡ଼ିଥିଲା, ତାକୁ ସେହି ଧାରୁଆ ପଥର ଉପରେ ଘଷୁ ଘଷୁ ହାତ କଟି ରକ୍ତ ବାହାର ପଡ଼ିଲେ କଣ ହେବ, ଦଉଡ଼ିଟା ବି କଟିଗଲା । ଧୀରେ ଧୀରେ ବନ୍ଧନ ମୁକ୍ତ ହେଲାରୁ କିଛି ସମୟ ନୀରବରେ ବସିଲି । ଦେଖିଲି, ଗୋଟିଏ ଗଛରେ ଅନେକ କେନ୍ଦୁ ପାଚିଛି । ସେଥିରେ ଚଢ଼ି ଗ୍ରାସେ ଖାଇ ଝରଣା ପାଣି ପିଇଲି । ତା ପରେ ଗଲି ସେହି କାନ୍ଦଣା ଶବ୍ଦ ଶୁଭୁଥିବା ସ୍ଥାନ ଆଡ଼େ ।

ବଡ଼ ବିଚିତ୍ର କଥା । ଜଣେ କପାଳି ବାବାଜି ଗୋଟିଏ ଷୋଳବର୍ଷିଆ ଝିଅକୁ ଆଣିଛି ବଳି ଦେଇ ତାର ମନ୍ତ୍ର ସିଦ୍ଧି କରିନେବାକୁ । ମୁଣ୍ଡ ତାର ଠୁଙ୍କା ହୋଇଛି ଅର୍ଗଳି ଭିତରେ । ବାବାଜି ବସି ଜପ କରୁଛି । ସାମନାରେ ତାର ଚକ୍ ଚକ୍ କରୁଛି ଗୋଟିଏ ଧାରୁଆ ଖଣ୍ଡା । ଯୁବତୀଟି କେବଳ ଭୟରେ କାନ୍ଦୁଥାଏ ।

ଏ ସବୁ ଦେଖି ଘଟଣାଟା ବୁଝିବାରେ ଆଉ କିଛି ବାକି ରହିଲା ନାହିଁ । ବାବାଜିକୁ ଆକ୍ରମଣ କରିବା ପାଇଁ ସମୟଟା ବି ଉତ୍ତମ ଥିଲା । ତେଣୁ ମୁଁ ଆଗେ ଯାଇ ଖଣ୍ଡା ପଟକ ହାତ କରିନେଲି । ତା ପରେ ଯୁବତୀଟିକୁ ଅର୍ଗଳିରୁ ମୁକୁଳା ଦେଇ କହିଲି— ପଳାଇ ଆସ ।

ଯୁବତୀ ମୋ ସାଙ୍ଗରେ ପଳାଇ ଆସିଲା । ଏ ଭଳି ଘଟଣା ଦେଖି କପାଳି ବାବାଜି ବି ଥୟ ଧରି ପାରିଲା ନାହିଁ । ତା ଜପ ତପରେ ବିଘ୍ନ ଘଟୁ ପଛକେ ଗୋଡ଼ାଇଲା ଆମ ପଛେ ପଛେ । ଖଣ୍ଡା ଖଣ୍ଡିକ ମୋ ହାତରେ । ତା ହାତରେ ଆଉ ଅସ୍ତ୍ରଶସ୍ତ୍ର କିଛି ନାହିଁ । ତେଣୁ ଖାଲି ଢେଲା ପଥର ଫୋପାଡ଼ି ବସିଲା ଆମ ଦୁହିଁଙ୍କୁ ମାରି ଦେବାକୁ । ଖୁବ୍ ବଡ଼ ବଡ଼ କଥା କହି ଗାଳି ଗୁଲଜ ବି ଦେଉଥାଏ । ବେଳକୁ ବେଳ ତା କଥା ମୋର ଅସହ୍ୟ ହୋଇ

Digitized by srujan ka@gmail.com

ଉଠିବାରୁ ମୁଁ ତାକୁ ବ ଘର କଥା କହିଲି । ଏଥିରେ ସେ ଆହୁରି ରାଗି ଉଠିଲା ଏବଂ ବହୁ ଦିନରୁ ଦାନ୍ତ ଝିଙ୍କାଇ ପଡ଼ିଥିବା ଖଣ୍ଡେ ଗଜା ଶାଳୁଆ ଠେଙ୍ଗା ଯେନ ଆସିଲା ବାଡେଇବାକୁ ।

ପ୍ରଥମେ ଧର୍ମକୁ ସାକ୍ଷୀ ଦେଇ ମୁଁ କହିଲି—

ଶତ୍ରୁଠାରୁ ଆଗେ ଆଘାତ ନ ପାଇ
ପ୍ରତ୍ୟାଘାତ କରି ନୁହେଁ ଉଚିତ
ତେଣୁ ମାରିବାରେ ସହୁ ଥାଅ ଗାଳି
ତଳେ ହେଲେ ମନେ ନ ହୋଇ ଖ୍ୟାତ ।
ସେ ଯେବେ ମାରିବ ତୁମେ ନ ଡରିବ
ମାରିବ ତାହାକୁ ସବଳେ ଝାଙ୍କି
ନ ହୋଇବ ଦୋଷ ତଳେ ହେଁ ତୁମରି
ଧରମ ଦେବତା ଏଥକୁ ସାକ୍ଷୀ ।

ମୋର ଏ ଭଲ ଏକ ମିତ ଉପଦେଶ ଶୁଣି ସେ ଅଟ୍ଟହାସ୍ୟ କଲା ଏବଂ ଶାଳୁଆ ବାଡ଼ରେ ଦେଲା ଗୋଟିଏ ପାହାର । ସେ ପାହାରଟି ବାଜିଥିଲେ ମୋ ପ୍ରାଣ ଆଉ ରହି ନ ଥାନ୍ତା । ତେଣୁ ମୁଁ ସାବଧାନ ହୋଇ ଛପିଗଲି ଗୋଟିଏ ଗଛ ଗଣ୍ଡି ପଛରେ । ପାହାରଟା ତାର ବିଫଳ ହୋଇଗଲା । ତେଲେ ହେଁ ସେ ଖାତିର କଲା ନାହିଁ । ପୁଣି ଜବରଦସ୍ତି ମୁବଟାର ହାତ ଧରି ଦୋଷାଡ଼ି ଘୋଷାଡ଼ି ନେଇ ଟିବାକୁ ଲାଗିଲା । ଏହି ଅବସରରେ ମୁଁ ଯାଇ ତା ବେକରେ ଦେଲି ଗୋଟେ ।

ସେତିକରେ ବିଚରାର କାମ ଖତମ୍ । ମୁବଟାଟି କାନ୍ଦି କାନ୍ଦି ମୋ ଗୋଡ଼ ତଳେ ଲୋଟିଆଏ । ମୁଁ ତାକୁ ପଚାରିଲି ତାର ପରିଚୟ । ସେ କହିଲା—ମୁଁ ଗୋଟିଏ ଗ୍ରାମବାସୀ ଷଣ୍ଢି ସୁ ଲୋକର ଝିଅ । ବାପ ଘର ଟରିବ । ବହୁ ଦିନଠାରୁ ଏ କପାଳି ବାବାଜି ସଙ୍ଗେ ତାଙ୍କର ଭାବ ନାବ ଥିଲା । ସେ ବ ବେଳେ ବେଳେ

Digitized by srujan ka@gmail.com

ଠଙ୍କା ପଇସା, ଗୁଡ଼ଜଳ ପରିବା ନେଇ ଆମ ଘରେ ଦିଏ । ଏବେ କଣ ହେଲା କେଜାଣି, ବାପା ମୋତେ ବଳି ଦେଲେ ।

ପ୍ରଥମେ ମୁଁ ଭାବିଥିଲି, ବାବାଜି ବୋଧହୁଏ ମୋତେ ବାହା ହୋଇ ସଂସାର କରିବ, କିନ୍ତୁ ପଛେ ଜାଣି ପାରିଲି, ସେ ମୋତେ ଆଣିଛି ବଳି ପକାଇବାକୁ । ତେଣୁ କାକୁତି ମିନତି ହୋଇ ବହୁତ ଅନୁରୋଧ କଲି, ପାଦତଳେ ପଡ଼ିଲି । କହିଲି—ବଞ୍ଚି ରହିବାକୁ ମୋର ଭାରି ଇଚ୍ଛା ଅଛି । ତୁମେ ମୋତେ ବଧ ନ କର, ବଳି ନ ପକାଇ ଆଉ ଯାହା କରିବାର କର ।

ବାବାଜି କିଛି କଥା ଶୁଣିବାକୁ ମୋଟେ ପ୍ରସ୍ତୁତ ନ ଥିଲା । ତାର ସେହି ଗୋଟିଏ ମାତ୍ର କଥା ବଳି ଦେବ । ତେଣୁ ମୁଁ କାନ୍ଦୁଥିଲି ।

କହିଲି—ଚାଲ, ତୁମ ଘରେ ତୁମକୁ ଛାଡ଼ିଦେଇ ଆସିବି । ଏ କଥାରେ ସେ ରାଜି ହେବାରୁ ତାକୁ ନେଇ ତା ବାପ ମା'ଙ୍କ ଜିମା ଦେଲି । ଗ୍ରାମବାସୀ ମାନେ ସବୁ କଥା ଶୁଣିଲେ । ମୋ ପରିଚୟ ପଚାରିବାରୁ ମୁଁ ତାଙ୍କୁ ଜଣେ ସାଧାରଣ କ୍ଷତ୍ରିୟ ପିଲା ବୋଲି କହିଲି । ସମସ୍ତେ କଥାଟାକୁ ବିଚାର କରି ମୋତେ ଘରଜୋଇଁଆ କରି ରଖାଇ ଦେଲେ ।

ଯୁବତୀର ନାମ ଥିଲା କୃଷ୍ଣା କୁମାରୀ । ଦିନାକେତେ ତା ସଙ୍ଗେ ରହି ସଂସାର କଲି । ପେଟ ପୋଷିବାକୁ ନାନା ପ୍ରକାର ଫନ୍ଦାର ଆଶ୍ରୟ ନେବାକୁ ପଡ଼ୁଥାଏ । ପିଲାଦିନଠୁଁ ମୁଁ କୃଷିକାର୍ଯ୍ୟ ଇତ୍ୟାଦି କରିବାକୁ ଶିଖି ନ ଥିଲି । ସେ ସବୁ ବାଧ୍ୟ ହୋଇ ଶିଖିବାକୁ ପଡ଼ିଲା । ସଂସାର କରିବାକୁ ହେଲେ ଗରିବ ଲୋକ ପକ୍ଷେ ଯେତେ ଯାହା ଦରକାର, ସେ ସବୁ କଲି, ମାତ୍ର ଜାଣିପାରି ନ ଥିଲି ସାରୁ ଭିତରେ ମାରୁ ଅଛି ବୋଲି । ତଥାପି ମୁଁ ମୋ କାମ କରୁଥାଏ ।

Digitized by srujan ka@gmail.com

ଦିନେ ଜଣେ ସନ୍ନ୍ୟାସୀ ଆସିଲେ । ରାଜରେ କୃଷ୍ଣାକୁମାରୀ ତାଙ୍କୁ ଖୁବ୍ ସେବାପୂଜା କଲା । ମୋତେ କହିଲା, ତାଙ୍କର ସେ ଗୁରୁ ବଂଶ । ମୁଁ ବା ଖରାପ କଥା ମନକୁ ଆଣିବି କାହିଁକି ? ମୋ ମନରେ କୃଷ୍ଣା ପ୍ରତି କରୁଛି ବୋଲି କରୁଛି ଅବିଶ୍ୱାସ ନ ଆଏ । କଥାରେ ଅଛି—

•

ନିର୍ମଳ ଯା ମନ ଜଗତକୁ ସେହି
ଦେଖେ ନିର୍ମଳ ନୟନେ
ଆବିଳ ମନାକୁ ସମସ୍ତ ଆବିଳ
ସନ୍ଦେହ ସଦା ତା ମନେ ।

କୃଷ୍ଣାକୁ ମୁଁ ଖୁବ୍ ନିର୍ମଳ ଭାବରେ ଦେଖେ । ମୋ ମନଟି ବି ନିର୍ମଳ । ମୁଁ ତାକୁ ସନ୍ଦେହ କରନ୍ତି କାହିଁକି ? ସନ୍ନ୍ୟାସୀ ରାତିଟି ଆମ ଘରେ କଟାଇ ପରଦିନ ଗଲାବେଳେ କହିଲେ—ସାତ ଦିନ ମଧ୍ୟରେ କୃଷ୍ଣାର ଅଛି ବିଧବା ଯୋଗ ।

କଥା ଶୁଣି ଭାରି ଅଧୀର ହେଲା କୃଷ୍ଣା । କହିଲା—ଏ ଶଷ୍ଟ ଦୂର କରିବାକୁ କଣ କିଛି ଉପାୟ ନାହିଁ ?

ସନ୍ନ୍ୟାସୀ କହିଲେ—ଅଛି ।

ପଚାରିଲା—କଣ ?

କହିଲେ—ତୁମେ ଦୁହେଁ ଯାକ ଏ ସାତ ଦିନ ଯାଇ ନିବିଡ଼ ଜଙ୍ଗଲରେ ରହିବ । କୁମୁଦଗିରି ବୋଲି ଅଛି ଗୋଟିଏ ପର୍ବତ । ସେଇଠି ଆମେ ବି ରହିବୁ । ସ୍ୱାମୀକୁ ତୋର ଦିଆଯିବ ଯମଦଣ୍ଡ ନାଶି ବୁଟୀ । ସେ ତାକୁ ଖାଇ ଏକ ମନ ଓ ଏକ ଧ୍ୟାନରେ ବସିବ ଗୋଟାଏ ଗୁମ୍ଫାରେ । ଚିନ୍ତା କରିବ କେବଳ ମହାଦେବଙ୍କୁ । ଆମେ ତା ପାଇଁ ଅରିଷ୍ଟନାଶି ଯଜ୍ଞ କରିବୁ । ସେ ଯଜ୍ଞର କର୍ମ ଢୋଇଥିବୁ ତୁ ନିଜେ ।

Digitized by srujan ka@gmail.com

କୃଷ୍ଣା ସେହି କଥାରେ ରାଜି ହେଲା । ମୁଁ ବି ରାଜି ହୋଇଗଲି । ସନ୍ନ୍ୟାସୀ ଆଉ ଏକା ଯାଆନ୍ତେ କଣ, ଆମେ ସମସ୍ତେ ଏକା ସଙ୍ଗରେ ଯାଇ କୁମୁଦଗିରି ପାଖରେ ପହଞ୍ଚିଲୁ ।

ଯଜ୍ଞ ଆରମ୍ଭ ହେଲା । ମୁଁ ଜଡ଼ିବୁଟୀ ଖାଇ ଗୁମ୍ଫାରେ ବସି ଶିବଙ୍କ ଜପ କରୁଥାଏ । ସନ୍ନ୍ୟାସୀ ଓ କୃଷ୍ଣା ଥାଆନ୍ତି ଆଉ ଗୋଟିଏ ଗୁମ୍ଫାରେ । ମୋତେ ମନା ଥାଏ ସେଠାକୁ ଯିବା ପାଇଁ । ଜୀବନର ମାୟା ତ କମ ନୁହେଁ, ସେଥିପାଇଁ ଆପଣା ସ୍ତ୍ରୀକୁ ପର ପାଖରେ ଛାଡ଼ି ମୁଁ ବି ଏକା ରହିବାକୁ ବାଧ୍ୟ ହୋଇଥାଏ ।

ମୋତେ ଯେଉଁ ବୁଟୀ ଦିଆ ଯାଉଥାଏ, ତାହା ଏକ ପ୍ରକାର ବିଷ । ଏ କଥା ଅବଶ୍ୟ ମୋତେ ଜଣା ନ ଥାଏ । ତାକୁ ଖାଇ ସାରିଲା ପରେ ଆସେ ପ୍ରବଳ ନିଦ । ଦିନଯାକ ଓ ରାତିଯାକ କେବଳ ଶୋଇ ରହେ । ସକାଳୁ ନିଦ ଭାଙ୍ଗେ । ବେଳ ପହରକ ଯାଏ ଯାହା କିଛି କରେ । ତା ପରେ ନିଦ ଆସେ । ମୁଁ ନିଦ କବଳରେ ପଡ଼ିଗଲେ ଆଉ କିଛି ଜାଣିପାରେ ନାହିଁ ।

ଏମିତି ଏମିତି ଛଅ ଦିନ ଗଲା । ସାତ ଦିନ ସକାଳୁ ନିଦ ଭାଙ୍ଗିଲା ବେଳକୁ ଶୁଣିଲି ଯୋଉଏ ଘରଚଟିଆ ଚଟେଇଙ୍କ କଥା-ବାର୍ତ୍ତା ।

ଚଟେଇଆଣୀ ପଚାରିଲା ଚଟେଇକୁ—ଏ ଲୋକଟି ଏତେ ଦିନ ରାତି ଶୋଉଛି କାହିଁକି ?

ଚଟେଇ କହିଲା—ତା ଭାଗ୍ୟ ଖରାପ ! ରଜା ପୁଅଟିଏ ସେ ! ରାଜ୍ୟରେ କେତେ ନା କରିଥିଲା । ସାବତ ମାଆ ଚକ୍ରାନ୍ତରେ ପଡ଼ି ଆସିଲା ବନସ୍ତକୁ । କୃଷ୍ଣା କୁମାରୀକୁ ବଳି ପଡ଼ିବାରୁ ଉଦ୍ଧାର କଲା । ତାକୁ ବିଭା ହୋଇ ସଂସାର ଗଢ଼ିଲା । ଖୁବ୍ ସେବା କଲା ତାର, କିନ୍ତୁ କୃଷ୍ଣା କୁମାରୀଟି ଷଡ଼ପୀ ବୋଲି ତାକୁ ଜଣା ନାହିଁ ।

ପଚାରିଲା—ସେ କଥା ପୁଣି କଣ ?

Digitized by srujan ka@gmail.com

କହିଲା—କୃଷ୍ଣା କୁମାରୀ ଗାଆଁରେ ଗୋଟିଏ ଖଣ୍ଡାୟତ ଘର ଥାଏ । ସେହି ଖଣ୍ଡାୟତ ପୁଅ ଶ୍ୟାମ ସାଙ୍ଗରେ ତାର ଭାବ । ଦୁହେଁ ଦୁହିଁଙ୍କୁ ଖୁବ ଭଲ ପାଆନ୍ତି । ସତ୍ୟ କରିଥିଲେ ବାହା ହେବେ ବୋଲି । ଏ କଥାରେ କୃଷ୍ଣା କୁମାରୀର ବାପ ମଙ୍ଗିଲା ନାହିଁ । ଟଙ୍କା ନେଇ ବିକି ଦେଇଥିଲା କପାଳିକୁ । ଏଇ ରଜାପୁଅ ତାକୁ ବାହାଇ କରି ଆଣିଲା । ବାହାଘରେ ହୋଇ ସଂସାର ଗଢ଼ିଲା । ତା ବାପ ମା'ଙ୍କୁ ପୋଷିଲା ପାଳିଲା । ମଲା ପରେ ଶୁଦ୍ଧି ଶ୍ରାଦ୍ଧ ସବୁ କରିଥିଲା ।

ଶ୍ୟାମକୁ କିଛି ସୁବିଧା ହେଲା ନାହିଁ କୃଷ୍ଣା ସଙ୍ଗରେ ମିଶିବାକୁ । ତେଣୁ ସେ ଧଇଲା ଗୁରୁ ବାବାଜି ହୋଇ । ବୁଲି ବୁଲି ନଶ, ଦାଢ଼ି ବଢ଼ାଇବାରୁ ଦିନେ ଆସିଲା ଦେଖା କରିବାକୁ । ଗାଆଁ ଲୋକମାନେ ଦିନରେ ଦେଖିଲେ କାଳେ ଚିହ୍ନିବେ, ତେଣୁ ରାତିରେ ଆସି ସକାଳୁ ଚାଲିଯିବାର ବାଟ କଲା । କପଟରେ ଏ ରଜାପୁଅକୁ ଆଣିଛନ୍ତି ଏଠାକୁ । ସ୍ୱଳ୍ପ ବିଷ ପ୍ରୟୋଗ କରି ସାତ ଦିନ ପରେ ମାରି ପକାଇଲେ, ଦୁହେଁ ପଳାଇଯିବେ ଅନ୍ୟ ଆଡ଼େ । ଛଅ ଦିନ ଗଲାଣି । ଆଜିକି ହେଲା ସ୍ୱାର ପରମାୟୁ ।

ପଚାରିଲା—କଣ କଲେ ବଞ୍ଚିଯାଇ ପାରିବ ।

କହିଲା—ଆଜି ସ୍ୱାକୁ ଯେଉଁ ରୁଟି ଦେବେ ଖାଇବାକୁ, ସେତକ ନ ଖାଇ ଯେବେ ମିଛିମିଛିକା ଶୋଇ ପଡ଼ିବ, ତେବେ ସବୁ କଥା ଜାଣିପାରିବ କାଲି ସକାଳୁ ।

ଚଢ଼େଇମାନଙ୍କ କଥାବାର୍ତ୍ତା ସବୁ ଜାଣି ପାରିଲା । ମନଟା କେମିତି ବିଷେଇ ଉଠିଲା । କୃଷ୍ଣା ଉପରେ ତମାର ଯେଉଁ ବିଶ୍ୱାସ ଥିଲା, ତାହା ତୁଟିଗଲା ପୁରାପୁରି । ତଥାପି ଚଢ଼େଇମାନଙ୍କ କଥା ସତ କି ମିଛ ବୁଝିବା ପାଇଁ ସେ ଦିନର ରୁଟୀ ନ ଖାଇ ଲୁଚାଇ ରଖିଲା ।

Digitized by srujan ka@gmail.com

ସାରା ଦିନ ଗାଲ ପାଖ ଶୋଇଥାଏ । ଶ୍ୟାମ ବାବାଜି ଓ କୃଷ୍ଣା ଥରେ ଦି ଥର ସାଙ୍ଗହୋଇ ଆସିଥିଲେ ଦେଖିବାକୁ । ତାଙ୍କ ହସ, ଖୁସି, ଚାଲଚଳନ ସବୁ ଠଉରେଇ ଜାଣିଲି, ଚଢ଼େଇ ଦୁହିଁଙ୍କ କଥା ସତ । ତେଣୁ ମନରେ ବୈରାଗ୍ୟ ଆସିଲା । ଭାବିଲି କୃଷ୍ଣା ଓ ଶ୍ୟାମ ଦୁହିଙ୍କୁ ଆକ୍ରମଣ କରିବି । ସେଥିରେ ବି ମନ ମାନିଲା ନାହିଁ ।

କାରଣ ?

ସେ ଥିଲେ ଦୁଇଜଣ । ଶ୍ୟାମ ବି ଖୁବ୍ ତଗଡ଼ା । କୁସ୍ତାକୁସ୍ତି ରେ ତାର ବଳ ମୋ ଅପେକ୍ଷା ନିଶ୍ଚୟ ବେଶି ହେବ । ପାଖରେ ତାର ଛୁରୀ, ଚମୁଟା, ଆଶାବାଡ଼ି ପ୍ରଭୃତି ଅନେକ ଅସ୍ତ୍ର ବି ଅଛି । ମୋ ପାଖରେ କିଛି ନାହିଁ । ଲଢ଼େଇ କଲେ କେବଳ ଟେକା ପଥରର ସାହାଯ୍ୟ । ଏଣେ ଛଅ ଦିନକାଳ ବିଷ ବଟିକା ଖାଇ ଖାଇ ମୁଣ୍ଡ ବୁଲାଉଛି । ଖାଦ୍ୟ ମୋଟେ ଦେଖା ହୋଇ ନାହିଁ । କଁଣ ନେଇ କାହା ସାହସରେ ଆକ୍ରମଣ କରିବି, କିଛି ଠିକ୍ କରି ପାରିଲି ନାହିଁ ।

ସାରା ଦିନ ଓ ରାତି ଅଧ ପର୍ଯ୍ୟନ୍ତ ସେମିତି ଗାଲ ପାଖ ପଡ଼ି ରହିଲି ପରେ ଗଲି ସେମାନଙ୍କ ଗୁମ୍ଫାକୁ । ଯାହା ଦେଖିଲି, ସେଥିରେ ଆଉ ଚଢ଼େଇଙ୍କ କଥା ଅବିଶ୍ୱାସ କରିବାର କାରଣ ନ ଥିଲା ।

ଗୁମ୍ଫା ଭିତରେ କାଠ ନିଆଁ ଧିକ୍ ଧିକ୍ ହୋଇ ଜଳୁଥାଏ । ହରିଣ ଛାଲ ପାଖ ଶୋଇ ପଡ଼ିଥାନ୍ତି କୃଷ୍ଣା ଓ ଶ୍ୟାମ । ଗୋଡ଼ରେ ଗୋଡ଼ ଛନ୍ଦାଛନ୍ଦି ହୋଇଥାଏ । କୃଷ୍ଣା ଧରିଥାଏ ଶ୍ୟାମର ଗଳା ଜଡ଼ାଇ କରି । ଶ୍ୟାମର ହାତ ପଡ଼ିଥାଏ କୃଷ୍ଣାର କୁଚ ଉପରେ ।

ଦୁହିଁଙ୍କୁ ପ୍ରବଳ ନିଦ । ଲୁଗାପଟା ମୋଟେ ଦେହରେ ନ ଥାଏ । ମନ ହେଲା ଯୋଡ଼ାଏ ପଥର ନେଇ ଦୁହିଁଙ୍କ ମୁଣ୍ଡରେ କଚାଡ଼ି ଦେବାକୁ । ବିବେକ କିନ୍ତୁ ବାଧା ଦେଇ କହିଲା—ଛିଃ, ଏ କି କାମ ?

Digitized by srujan ka@gmail.com

ମାୟାବନୀ ନାରୀ କାଳରୂପ ଧରି
ଶୋଷୁଛି ପୁରୁଷ ପ୍ରାଣ
ବିଶ୍ୱାସରେ ତାକୁ ଶିରେ ବସାଇଲେ
ନ ରହିବ କେବେ ତ୍ରାଣ ।
ଜଟିଳ ସଂସାର ବିଚିତ୍ର ତା ଗତି
ବିଚିତ୍ର ତା ହାବଭାବ
ମାୟାରେ ମୋହିତ ଅଛନ୍ତି ସକଳେ
ଆଶ୍ରା କରି ମାୟା ନାବ ।
ବୃଥା ଅହଂକାରେ ନ କରି କାହାର
ଅନିଷ୍ଟ ବିବେକୀ ନର
ସବୁ ଦେଖି ସବୁ ଶୁଣି ହଂସା ତେଜ
ବିଭୁ ପଦେ ଆଶ୍ରା କର ।

କଥା ପଦକ ମୋ ମୁଣ୍ଡରେ ଠିକ୍ କାମ କଲା । ତେଣୁ ଭାବିଲି, ଯାହା ହେବାର ହେଉ ପଛକେ ଏମାନଙ୍କୁ ମାରିବି ନାହିଁ । କୃଷ୍ଣା ଗୋଟିଏ ବିଚିତ୍ରୀ ନାରୀ । ଏହା ମୁହଁକୁ ଅନାଇ ସଂସାର କରିବା ମୋ ପକ୍ଷରେ ଅତି ଲଜ୍ଜାର କଥା । ତେଣୁ ଏତିକି ବେଳେ ସ୍ତ୍ରୀକୁ ତ୍ୟାଗ କରି ଏଠାରୁ ପଳାଇବା ଉଚିତ । ମହାଜନମାନେ କହିଛନ୍ତି—

ହସ୍ତୀ ହସ୍ତ ସହସ୍ରେଣ
ଶତ ହସ୍ତେନ ବାଜିନ
ଶୃଙ୍ଗୀନ ଦଶ ହସ୍ତେନ ।
ସ୍ଥାନ ତ୍ୟାଗେନ ଦୁର୍ଜ୍ଜନ ।
ହସ୍ତୀକୁ ହଜାର ହାତ ଦୂରୁ ତେଜ
ଶହେ ହାତରୁ ଅଶ୍ୱକୁ

Digitized by srujan ka@gmail.com

ଶିଙ୍ଗ ଥିବା ଜୀବ ଦେଖି ଦଶ ହାତୁ
ଖେଞ୍ଚିବ ଚଳି ପଥକୁ ।
ଦୁଷ୍ଟ ଲୋକ ଯହିଁ ଦେଖିବ ନୟନେ
ତହିଁ ଦଣ୍ଡେ ନ ରହିବ
ବେଳ ଥାଉ ଥାଉ ନିଜକୁ ସମ୍ଭାଳି
ଅନ୍ୟତ୍ର ପଳାଇ ଯିବ ।

ଏହି କଥା ବିଚାର କରି ଯେତେ ଶୀଘ୍ର ପାରେ ସେଠାରୁଁ ପଳାଇ ଗଲି । ସେମାନେ ସେହିପରି ଶୋଇଥାନ୍ତି । ମନଟା କିଛି ଭଲ ଲାଗିଲା ନାହିଁ । ସବୁବେଳେ ଏଇ ନାରୀମାନଙ୍କ ବିଶ୍ୱାସ-ଘାତକତା କଥା ମୁଣ୍ଡ ଭିତରେ ପଶି ଗୋଳମାଳ କରୁଥାଏ । କେତେବେଳେ ଭାବେ ଆତ୍ମହତ୍ୟା କରିବ । ପୁଣି କେତେବେଳେ ଭାବେ କାହିଁକି କରିବ ? ଏମିତି ନାନା କଥା, ନାନା ପ୍ରକାର ମାନସିକ ଦ୍ୱନ୍ଦ ଭିତରେ ଦେଇ ଗତି କରୁ କରୁ ଦୈବାତ୍ ବନେ ଜଣେ ପରିବ୍ରାଜକ ସାଧୁ ଦେଖା ହେଲେ । ତାଙ୍କୁ ମୋ ଅନ୍ତର କଥା ଜଣାଇ କଣ କରିବ ବୋଲି ପଚାରିଲି । ସେ କହିଲେ—ପାଞ୍ଚ ବର୍ଷ ପରେ ପୁଣି ତୁମକୁ ରାଜଗାଦି ପ୍ରାପ୍ତି ଯୋଗ ଅଛି । ଏହି ବଣରେ ବୁଲୁ ବୁଲୁ ହାତୀ ଆମି ସୁନା କଳସ ଢ଼ାଳିବ । ଯାହା ଅତୀତ ହୋଇ ଗଲାଣି, ସେ କଥାଗୁଡ଼ିକ ମୁଣ୍ଡରେ ପୂରାଇ କିଛି ବ୍ୟସ୍ତ ହୁଅ ନାହିଁ । ନିତାନ୍ତ ଯଦି ନାରୀମାନଙ୍କ ଉପରେ କ୍ରୋଧ ଆସୁଛି, ତେବେ ଯାଅ ଗଙ୍ଗା ମୃତ୍ତିକା ଆଣିବ । ଗୋଟିଏ ଗଛମୂଳେ ନାରୀ ପ୍ରତିମାଟିଏ ଗଢ଼ି, ତା କପାଳ ଉପରେ ଲେଖିଦେବ—

ମନମୋହିନୀ ହୋଇଲେ କି ହେବ ଗୋ ନାରୀ !
ବିଶାଳ ଜଗତେ ଅଟ ତୁମେ ଦୁରାଚାରୀ ।
ଏକ ପୁରୁଷରେ କେବେ ନ ହୁଅ ସନ୍ତୋଷ
ଇନ୍ଦ୍ରିୟ ଲାଳସା ହେଜ କରୁଥାଅ ଦୋଷ ।

Digitized by srujan ka@gmail.com

ଜଣକୁ ହୃଦୟ ଦେଇ ଅପରକୁ ଭଣ୍ଡ
କାଳ ଦେଖି ସ୍ୱ ପତିକୁ ଦିଅ ମୃତ୍ୟୁଦଣ୍ଡ ।
ଏଣୁ ତୁମ ମୁଖେ ପଡୁ ବଶ୍ୱ ଆବର୍ଜନା
ଧିକ ହେଉ ବିଧାତାର ରମଣୀ ସର୍ଜନା ।

ତାଙ୍କର କଥା ମାନି ମୁଁ ଯାଇ ଗଙ୍ଗା ମୃତ୍ତିକା ଆଣିଛୁ । ଏହି ଗଛମୂଳେ ନାରୀ ମୂର୍ତ୍ତିଟିଏ ଗଢ଼ି ସେତକ ଲେଖିଦେଲି ପରେ ଟିକିଏ ଶାନ୍ତି ପାଇବ ।

ଏତକ କଥା ଶୁଣି ସାରିଲା ପରେ ପ୍ରଦ୍ୟୁମ୍ନର ମନରେ ବି ଗୋଟାଏ ଅଶାନ୍ତି ଆସିଲା । ଆସିଆନ୍ତା କି ନାହିଁ ଯାହା କହିହୋଇଥାନ୍ତା, ମାନି ସେ ତ ପୁଣି ଠୋକର ପାଇଛି । ତେଣୁ ମୁଣ୍ଡ ଭିତରଟା ଗୋଳମାଳ ହୋଇଗଲା । ଆଉ କହି ସମସ୍ତ ଦୁହେଁଯାକ ସେଠି ବସି ଆଳାପ ଆଲୋଚନା କଲେ । ପ୍ରଦ୍ୟୁମ୍ନ ବି ନିଜ ସମ୍ବନ୍ଧେ କେତେ କଥା କହିଲା । ତା ପରେ ଆପଣା ଆପଣା ବାଟ ଧରି ଗ୍ଭଲିଲେ ଗନ୍ତବ୍ୟ ପଥରେ ।

ଏହି ଅଟେ ନାରୀଙ୍କର ଗୁଣ୍ ଶୁକ ଶାରୀ
ଠିକ୍କେ ଠିକେ କହି କଥା ଗୋଟି ଦେଲ ସାରି ।
ଡ଼ିଙ୍କି ମୁଣ୍ଡେ ବସିଥିଲି କର୍କି ସାଜ ବେଶ ·
ତୋ କଥା ତୁ କହ, ମୋର କଥା ହେଲା ଶେଷ ।

ଶାରୀ ଆରମ୍ଭ କଲା—ବୁଝିଲୁ ଶୁଆ, କଥାରେ ଅଛି—
ମିଁ ମିଁ-କା ମିଁଣିକ ରଜା ।
ଶିଙ୍ଗ ଯୋଡ଼ାକ ଗଜା ଗଜା
ଏକ ଶିଙ୍ଗରେ ମଣ ଖ ମାରେ
ଏକ ଶିଙ୍ଗରେ ସଂସାର ସାରେ ।

Digitized by srujan ka@gmail.com

ବାଘ ଦେଖିଲେ ଫାଗ କରେ
ନାଗ ଦେଖିଲେ ଶାଗ କରେ—ମୁଁ
ମଣିଷ ପାଖରେ ଛେଳ
ମୋତେ ମାରି ଦେଲେ ହାତ ଗନ୍ଧ ହେବ
ମିଛରେ କାହିଁକି ହେଳ ?

ତୋ କଥାପାକ ମୋତେ ଏଇଭଳିଆ ଲାଗୁଚ । ଆରେ—କହି ଜାଣିଲେ କଥା ସୁନ୍ଦର, ବାନ୍ଧି ଜାଣିଲେ ମଥା ସୁନ୍ଦର । ସନ୍ଧ୍ୟାବାଳୀ ତ ପୁଣି ସେହି ନାରୀ ! ଗୋଟିଏ ପୁରୁଷକୁ ପଦେ ଜବାବ ଦେଇ ପକାଇଛି ବୋଲି ଦଣ୍ଡଭୋଗୁଛି ଚନ୍ଦ୍ରଲୋକରୁ ମର୍ତ୍ତ୍ୟ ଲୋକକୁ । ବାଟରେ କେତେ ଦୁଃଖ, କେତେ କଷ୍ଟ । ଚାଲି ଚାଲି ତା ପାଦ ଫୋଟକା ହୋଇ ଗଲାଣି । ତେବେ ସୁଦ୍ଧା କଣ ଖାତର କରୁଛି ସେ । କେମିତି ସ୍ୱାମୀର ତାର ଦେଖା ସାକ୍ଷାତ ହେବ, ଏଥିପାଇଁ ଭଗବାନଙ୍କୁ ଡାକି ଡାକି କଣ୍ଟା ପଥର ବାଟରେ ଚାଲୁଛି । ଦିନେ ସଞ୍ଜବେଳେ ଆସି ଯେଉଁଠି ପହଞ୍ଚିଲା, ସେ ଗୋଟିଏ ରଜା ଗଡ଼ । ସେଠି ଲୋକେ ବସି ସେ ଦେଶର ରଜାପୁଅକୁ ଖାଲି ଗାଳି ଦେଉଥାନ୍ତି ।

ସନ୍ଧ୍ୟାବାଳୀ ଯାଇ ବସା କଲା ଗୋଟିଏ ଭଣ୍ଡାରୁଣୀ ଘରେ । ଭଣ୍ଡାରୁଣୀଟି ବୁଢ଼ୀ । ସଂସାରରେ ତାର ବୋଲି ଆଉ କେହି ନ ଥାନ୍ତି । ଧନ ସମ୍ପତ୍ତି ଅନେକ, ଖାଇବ କିଏ ? ଏଥିପାଇଁ ସେ ଅତିଥି, ଅଭ୍ୟାଗତ, ଗଲା ଅଇଲା ସମସ୍ତଙ୍କ ଖବର ବୁଝେ । ରାନ୍ଧି-ବାଢ଼ି ଖାଇବାକୁ ଦିଏ । ବସା ଘର ଦିଏ ଶୋଇବାକୁ । ବାଟୋଇଟିଏ ମାଗେ, ତାକୁ ବି ମନା କରେ ନାହିଁ । ଲାଗିପଡି ଶକ୍ତି ଅନୁସାରେ ସେବା କାର୍ଯ୍ୟ କରୁଥାଏ ।

ସନ୍ଧ୍ୟାବାଳୀ ସେଦିନ ତା ଘରେ ପହଞ୍ଚିବା ମାତ୍ରେ ତାକୁ ଲାଗିଲା କୋଟିନିଧି ପାଇଲା ପରି । ଭଲ ଝିଅଟିଏ । ଘରେ ମିଶାଣ,

Digitized by srujan ka@gmail.com

ହର୍ଷମୁଖୀ । କଥା କହେ ଖୁବ୍ ତୋଷ୍‌ରେ । ତା ମନରେ କେବେ-ବେଳେ ହେଲେ ଦୁଃଖ ନ ଥାଏ । ଏ ସବୁ କଥା ଦେଖି ଭଣ୍ଡାରୁଣୀର ମନ ହେଉଥାଏ ଝିଅ କରି ରଖିବାକୁ । ଯାହାହେଉ, ରାତିରେ ଖାଇ ପିଇ ଶୋଇବାକୁ ଗଲ୍‌ବେଳେ ସନ୍ଧ୍ୟା ପଚାରିଲା ଭଣ୍ଡାରୁଣୀକୁ—

ମାଉସୀ । ମୁଁ ଏ ଗଡକୁ ଆସିଲା ବେଳେ ଦେଖିଲି, ଲୋକ-ମାନେ ଏଠି ସେଠି ବସି କଣ ଗୋଟାଏ ବଡ଼ର ପକାଇଛନ୍ତି । କଥା କଥାକେ ଖାଲି ରଜାପୁଅ ଉପରେ ଶୋଧା, ଗାଳି । ଯାର ଅର୍ଥ କଣ ?

ଭଣ୍ଡାରୁଣୀ କହିଲା—ଝିଅ ଲୋ, ଶୁଣିବୁ ଯେବେ, ତେବେ ସେ କଥା ମୂଳରୁ ଅଗଯାଏ ସବୁ କହିବି ।

ସନ୍ଧ୍ୟାବାଳୀ କହିଲା—କହ । ମୋର ଶୁଣିବା ପାଇଁ ଭାରି ଇଚ୍ଛା । ଶୁଣି ନ ପାରିବା ପର୍ଯ୍ୟନ୍ତ ମୋ ଆଖିକୁ ନିଦ ଆସିବ ନାହିଁ ।

ଏ କଥା ଶୁଣି ବୁଢ଼ୀ ଆରମ୍ଭ କଲା—

ଶଶୀଶେଖର ଓ ଭଗରବାଳି କାହାଣୀ

ଆମର ଏହି ରାଜ୍ୟ ଖଣ୍ଡିକ ନାଁ । ଅନନ୍ତପୁର । ରଜାଙ୍କ ନାଁ ଶଙ୍କର ପ୍ରତାପ ଦେବ । ତାଙ୍କର ସାତ ରାଣୀ । ପୋଇଲୀ ପଣବାରୀଙ୍କ କଥା ସଂଖ୍ୟା କରିବା କଷ୍ଟ । ହେଲେ କଣ ହେବ; ରାଣୀମାନେ ଯେତେ ଜନ୍ମ କଲେ ଖାଲି ଝିଅ । କାହାରି ଗର୍ଭରୁ ଗୋଟିଏ ବୋଲି ଗୋଟିଏ ପୁଅ ନ ହେବାରୁ ରଜା କଲେ ପୁତ୍ରେଷ୍ଟି ଯାଗ । ସେଥିରୁ ଚରୁଅନ୍ନ ବାହାରିଲା ଜମା ଗୋଟିଏ । ରଜା କାହାକୁ ଖୋଇବେ, କଣ କରିବେ, କିଛି ଠିକ୍ କରି ପାରିଲେ ନାହିଁ । ବାଧ ହେଲେ ରାଣୀମାନଙ୍କ ପରାମର୍ଶ ନେବାକୁ ।

Digitized by srujan ka@gmail.com

ରାଣୀମାନେ ବିଚାର କରି କହିଲେ- ଚରୁଅନ୍ନଟି ସାନ ରାଣୀଙ୍କୁ ଖାଇବାକୁ ଦିଆଯାଉ । ସେହି କଥା ହେଲା । ସାନ ରାଣୀ ଯାଇ ଗାଧୋଇ ଚୁଡ଼ିପାରି, ଦିଅଁ ଦେଉଳ ଓ ଅତିଥି ଅଭ୍ୟାଗତ ସେବା ସାରିଲେ । ଧନ ଦରିଦ୍ର ଓ କାଙ୍ଗାଳମାନଙ୍କୁ ଦାନ, ଭୋଜନ ଦେଲେ । ତା ପରେ ମହାଦେବ ଓ ପାର୍ବତୀଙ୍କୁ ଦର୍ଶନ କରିସାରି ଭକ୍ଷଣ କଲେ ଚରୁଅନ୍ନ ।

ପୁଅ ହେଲା । ଦେଖିବାକୁ ଭାରି ସୁନ୍ଦର । ରଜା ତା ନାଁ ଦେଲେ ଶଶୀ ଶେଖର । ଶୁକ୍ଲପକ୍ଷ ଚନ୍ଦ୍ରମା ପରି ସେ ଦିନକୁ ଦିନ ବଢ଼ି ବଢ଼ି ପାଠଶାଠ ପଢ଼ିଲା । ଯୁବକ ହେଲା । ଦେଶ ବିଦେଶ ବୁଲି ନାନା କଥା ଦେଖିଲା, ଶିଖିଲା । ବୁଦ୍ଧି, ଅକଲ ବଢ଼ାଇଲା । ପାଞ୍ଚଲୋକ ତାକୁ ଖାତିରକୁ ଆଣିଲେ । ପୁଅର ଗୁଣଗ୍ରାମ ଦେଖି ଓ ଶୁଣି ରଜା ଆନନ୍ଦ ହେଉଥାନ୍ତି । ସାତ ରାଣୀଯାକ ଦେଖନ୍ତି ନିଜର ଜନ୍ମିତ ସନ୍ତାନ ପରି । କେହି ପାତର ଅନ୍ତର କରନ୍ତି ନାହିଁ କି ଖରାପ ଦୃଷ୍ଟିରେ ଦେଖନ୍ତି ନାହିଁ । ସେ ହୋଇଥାଏ ସମସ୍ତଙ୍କ ଆଖିର ପିତୁଳା ।

ଶଶୀ ଶେଖର ଜନ୍ମ ହେବାର ଛଅମାସ ପରେ ମନ୍ତ୍ରୀଙ୍କର ଗୋଟିଏ ସୁନ୍ଦରୀ ଝିଅ ଜନ୍ମ ହୋଇଥିଲା । ସେ ତା ନାଁ ଦେଇଥିଲେ ତଗର ।

କାଳକ୍ରମେ ତଗର ହେଲା ତଗରବାଳା । ଶଶୀ ଶେଖର ଓ ତଗର ପିଲାଦିନେ ଗୋଟିଏ ପାଠଶାଳାରେ ପାଠ ପଢ଼ୁଥିଲେ । ଦୁହେଁ ପାଖାପାଖି ହୋଇ ବସନ୍ତି । ଏକା ସାଙ୍ଗରେ ଯାଆନ୍ତି, ଏକା ସାଙ୍ଗରେ ଆସନ୍ତି, ଏକା ଶ୍ରେଣୀରେ ପଢ଼ନ୍ତି । ମନଟା ଦୁହିଁଙ୍କର ବେଶ୍ ମିଳେ । କେହି କାହାକୁ ଦଣ୍ଡେ ନ ଦେଖିଲେ ଶାନ୍ତି ପାଆନ୍ତି ନାହିଁ । ପିଲାମାନଙ୍କ ମେଳରେ ବୋହୂ ବୋହୂକା ଖେଳିଲେ, ଶଶୀ ଶେଖର ବର ଓ ତଗର କନ୍ୟା ହୁଏ । ମିଛିମିଛିକା ବାହା

Digitized by srujan ka@gmail.com

ଘର, ବୋହୂଅଣା, ବାଲଭ୍ରତ, ବାଳଡଅଣ, ଝିଆପିଆ ସବୁ ହେଲେ । ଖାଲି ବାକି ରହିଯାଏ ମଧୁଶଯ୍ୟା ।

ସେଇ କଥାଟି ପଢ଼ିଲେ ପିଲାମାନଙ୍କୁ ଲାଜ ମାଡେ । ତେଣିକି ଖେଳ ଭାଙ୍ଗିଲା – ବୋଲିଇ ମଲା କହି କିଏ ଯୁଆଡେ ପଳାଇ ଯାଆନ୍ତି । ହେଲେ, ମନ ଭିତରର ସ୍ନେହ ଶ୍ରଦ୍ଧା ଭାଙ୍ଗେ ନାହିଁ । ଶଶୀ ଡଗରକୁ ଭଲ ପାଏ, ଡଗର ଭଲ ପାଏ ଶଶୀକୁ ।

ଦିନେ ନଈରେ ଗାଧୋଉ ଗାଧୋଉ ଶଶୀ ବୁଡି ଯାଉଥିଲା । ଡଗର ବହୁତ ଚେଷ୍ଟା କରି, ନିଜେ ଲଙ୍ଗଳା ହୋଇ ଲୁଗାକାନି ଫୋପାଡ଼ିବାରୁ ସେଇ କାନି ଧରି ସେ ପୁଣି ଉଠିଆସିଲା କୂଳକୁ । ଆଉ ଥରେ ବାଟରେ ଯାଉ ଯାଉ ଗୋଟାଏ ବିଷାକ୍ତ ସାପ କାମୁଡ଼ି ଦେଲା ଶଶୀ ଶେଖରକୁ । ଡଗର ନିଜ ଜୀବନକୁ ଅସାର ମନେକରି କ୍ଷତ ସ୍ଥାନରେ ମୁହଁ ଲଗାଇ ବିଷଯାକ ଟାଣି ପକାଇଲା ବାହାରକୁ । ଲୋକମାନେ ଶୁଣି କାବା କାଠ ବନିଗଲେ । ପ୍ରଶଂସା କଲେ ଡଗରକୁ । ସେଥିରକ ବ ଶଶୀ ଶେଖର ବଞ୍ଚିଗଲା । ରାଜା, ରାଣୀ ଡଗରକୁ ଭଲ ପାଇଲେ । ମନେ ମନେ ଠିକ୍ କଲେ ପିଲା ଯୋଡ଼ିକ ପରସ୍ପରକୁ ଖୁବ୍ ଭଲ ପାଉଛନ୍ତି । ବିଭା ହେଲେ ଦୁହିଁଙ୍କ ଜୀବନ ସୁଖ ଶାନ୍ତିମୟ ହେବ ।

ଏମିତି ଦିନ ପରେ ଦିନ, ମାସ ପରେ ମାସ ଓ ବର୍ଷ ପରେ ବର୍ଷ କଟିଯାଉଥାଏ । ପିଲାମାନେ ଶୁକ୍ଳପକ୍ଷ ଚନ୍ଦ୍ରମା ପରି ବଢ଼ୁଥାନ୍ତି ।

ଡଗର ହେଲା ଘରଯୋଗ୍ୟା । ତେଣିକି ଘରେ ରହିବାକୁ ବାଧ ହେଲା । କଥାଟା ଭାରି ଅଡ଼ୁଆ ଲାଗିଲା ଶଶୀ ଶେଖରକୁ । ସେ ଖାଲି କୁଆ ଗୁଡ଼ ଆସିଥିବା ବେଳେଇ ପରି ଏପଟ ସେପଟ ହେଉଥାଏ । କେମିତି ଡଗର ସାଙ୍ଗରେ ଦେଖାହେବ, ଏଇ ହେଲା ମୂଳ ଚିନ୍ତା ।

Digitized by srujan ka@gmail.com

ତେଣେ ତଗରବାଳା ଅବସ୍ଥା ବି ସେଇଆ । ଏ କେତେଦିନ ହେଲା ସେ ଶଶୀ ଶେଖରଙ୍କୁ ନ ଦେଖି ପାଗଳମି ପରି ହେଉଥାଏ । ଝରକା ବାଟେ ରାସ୍ତାକୁ ଅନାଇବା, ନଦୀ ଘାଟରେ ଅପେକ୍ଷା କରିବା ଇତ୍ୟାଦି ନାନା ପ୍ରକାର ଚେଷ୍ଟା କରି ମନ ଥକାପଡ଼େ; ତଥାପି ତାର ଦେଖା ହୁଏ ନାହିଁ । ମନେ ମନେ ଡାକୁଥାଏ ଖାଲି ଭଗବାନଙ୍କୁ ।

ଦିନେ ଶଶୀ ଶେଖର ଗୋଟିଏ ଦୂତୀ ପଠାଇ ମନକଥା ତାକୁ ଜଣାଇଲା । ସେହି ଦୂତୀ ହାତରେ କହିଲା—ନିର୍ଜନ ରାତିରେ ଫୁଲ ବଗିଚାକୁ ଆସିଲେ ଦେଖା ହେବ । ସେଇଆ ହେଲା । ସେହିଦିନଠୁଁ ଦୁହେଁ ଫୁଲ ବଗିଚାକୁ ଯାଇ ନିର୍ଜନ ରାତିରେ ଦେଖା ସାକ୍ଷାତ ଓ କଥାବାର୍ତ୍ତା ହୁଅନ୍ତି । ଯୁବା ଯୁବତୀ ସମ୍ବନ୍ଧ ଜଳ ଓ ନିଆଁ ଅପେକ୍ଷା ଜ୍ୱଳଣ । ଆଗରୁ ବି ସ୍ନେହ ସମ୍ପର୍କ ଅଛି । ଏଣେ ନିର୍ଜନ ରାତିରେ ଦେଖା । ଅବସ୍ଥା ଗଲା ଅନ୍ୟ ଆଡ଼କୁ । ଦୁହେଁ କ୍ରମେ କ୍ରମେ ଶରୀର ଉପଭୋଗ ଲାଳସାରେ ମସଗୁଲ୍ ହୋଇ ଉଠିଲେ । ଭୂତ ଭବିଷ୍ୟତ କଥାକୁ ଖିଆଲ ରଖିପାରିଲେ ନାହିଁ । ଗୁହୁଁ ଗୁହୁଁ ତଗରବାଳାର ଗର୍ଭୋଦୟ ହେଲା । ଏ କଥା କେହି ଜାଣିପାରି ନ ଥାନ୍ତି । ଶଶୀ ଶେଖର ଗଲା ଦେଶ ଭ୍ରମଣକୁ ।

ଗୋଟିଏ ଦେଶର ରଜା ଝିଅ । ନାଁ ତାର ପଦ୍ମମୋହିନୀ । ସଖୀମାନଙ୍କ ମେଳରେ ନିତି ଯାଏ ନଈକୁ ଗାଧୋଇ । ଦିନେ ଦୈବାତ୍ ଜଳକେଳିରେ ମତ୍ତ ଥିଲାବେଳେ ଶଶୀ ଶେଖର ଯାଇ ସେଇଠି ପହଞ୍ଚିଗଲା । ଘୋଡ଼ାଟା ଶୋଷରେ ଅଧୀର ହୋଇଥାଏ । ତାକୁ ପାଣି ପିଆଇବା ବାହାନାରେ ଯାଇ ଦେଖିଲା ପଦ୍ମମୋହିନୀଙ୍କୁ । ଭାରି ସୁନ୍ଦରୀ ସେ । ସଖୀମାନଙ୍କ ସଙ୍ଗେ ଖାଲି କୁରୁ କୁରୁ ହେଉଥାଏ । ତା ରୂପଛଟା ଓ ଭଙ୍ଗୀ ସବୁ ଗଳିଗଲା ଶଶୀ ଶେଖରର ପ୍ରାଣେ ପ୍ରାଣେ । ସେ ଆଉ ଧୈର୍ଯ୍ୟ ଧରି ନ ପାରି ସେଇଠି ମୂର୍ଚ୍ଛା

Digitized by srujan ka@gmail.com

ହୋଇଗଲା । ହଠାତ୍ ଜଣେ ଲୋକ ତାହାଙ୍କ ଏ ଭଳି ମୂର୍ଚ୍ଛା ହୋଇଗଲା, ଦେଖ ଦେଖ ବୋଲି ପଦ୍ମମୋହିନୀ ତା ସଖୀମାନଙ୍କୁ କହିଲା । ସେମାନେ ପାଣିରୁ ଉଠି ଦଉଡ଼ି ଆସିଲେ । ଦେଖିଲେ ଦିବ୍ୟ ସୁନ୍ଦର ଜଣେ ଯୁବକ । ଦେହରେ ବହୁମୂଲ୍ୟ ପୋଷାକ ପିନ୍ଧିଛି । ଜଣାଯାଉଛି ଜଣେ ରଜାପୁଅ ହେବ । ଯାହା ହେଉ, ସେମାନେ କଷ୍ଟ ଲଗାଇ ତା ଦାନ୍ତପାଟି ଫିଟାଫିଟି କଲେ ଓ ମୁହଁରେ ପାଣି ସିଞ୍ଚିବାରୁ ତାର୍ ଚେତା ଆସିଲା ।

ସଖୀମାନେ ପଚାରିଲେ—ତୁମେ କିଏ ଓ କାହିଁକି ଏପରି ମୂର୍ଚ୍ଛା ହୋଇ ଢଳି ପଡ଼ିଲ ?

ଶଶୀ ଶେଖର କହିଲା---ମୁଁ ଜଣେ ରଜାପୁଅ; ଆସିଥିଲି ଦେଶ ଭ୍ରମଣକୁ । ତୁମେମାନେ ଗାଧୋଉଥିଲ । ତୁମମାନଙ୍କ ସଙ୍ଗରେ ସେଇ ଯେଉଁ କିଶୋରୀ ଜଣକ, ତାଙ୍କ ରୂପ ଦେଖି ପ୍ରାଣଟା ବଡ଼ ବ୍ୟଥା ପାଇଲା । ଯଦି ନିଜର ଅଙ୍କପ୍ରତିମା କରି ତାଙ୍କୁ ନ ପାଏ, ତେବେ ଆଉ ବଞ୍ଚିବ ନାହିଁ । ସେ କିଏ ?

ସଖୀମାନେ କହିଲେ---ସେ ଆମର ରାଜଜେମା ।

ପଚାରିଲା---ବିବାହ ହୋଇଲେଣି ?

କହିଲେ - ନା ।

ପଚାରିଲା —ତାଙ୍କୁ ପଚାରନ୍ତୁ, ସେ ମୋତେ ବିଭା ହେବେ କି ?

ସଖୀମାନେ ଯାଇ ତାଙ୍କୁ ପଚାରିଲେ ଓ ରଜାପୁଅର ପରିଚୟ ଦେଲେ । ଜେମା କହିଲା—ମୋର ତ ସ୍ୱାଧୀନ ମତ ଦେବାର ଅଧିକାର ନାହିଁ, ମୁଁ କଣ କହି ପାରିବି ? ତାଙ୍କୁ କହିଦିଅ ସେ ଯାଇ ବାପାଙ୍କୁ ପଚାରନ୍ତୁ । ସଖୀମାନେ ଯାଇ ସେଇ କଥା ଶଶୀଶେଖର ଆଗରେ କହିଲେ ।

ଶଶୀ ଶେଖର ସେତେବେଳକୁ ହିତାହିତ ଜ୍ଞାନ ପାସୋରି ପକାଇଥାଏ । ପଦ୍ମମୋହିନୀ ରୂପ ତା ପ୍ରାଣରେ ଏଭଳି ଗଳି

Digitized by srujan ka@gmail.com

ଯାଇଥାଏ ଯେ, ତାକୁ ପାଶୋରି ପାରିବା ସହଜ କଥା ନୁହେଁ । ତେଣୁ ଯାହା ହେବାର ହେଉ ପଛକେ, ଲାଜ ସରମ ଛାଡ଼ି ନିଜେ ଯାଇ ପଦ୍ମମୋହିନୀ ବାପକୁ କହିବାପାଇଁ ସ୍ଥିର କଲା ।

ସଖୀମାନଙ୍କ ସଙ୍ଗେ ଗାଧୁଆ ପାଧୁଆ ସାରି ପଦ୍ମମୋହିନୀ ଗଲା ଘରକୁ । ତାର ବି ମନ ଟିକଏ ଢଳିଥାଏ ଶଶୀ ଶେଖର ଆଡେ । ହେଲେ ବି ସ୍ତ୍ରୀ ସୁଲଭ ଲଜ୍ଜା ହେତୁ ମନକଥା ମନରେ ମାରି କାହାକୁ କିଛି ନ କହି ଚୁପଚାପ୍ ରହିଲା ।

ଶଶୀ ଶେଖର ଆଉ ଆଗକୁ ନ ଯାଇ ସେଦିନ ରହିଲା ଗୋଟିଏ ମାଳୀଣୀ ଘରେ । ତାଠୁଁ ସବୁ ହାଲଚାଲ ବୁଝିଲା । ରଜାଙ୍କର ପୁଅପିଲା କେହି ନାହାଁନ୍ତି । ଯାହାକୁ ସେ ଜୋଇଁ କରିବେ, ସେ ହେବ ତାଙ୍କର ପୁଅ । ଭବିଷ୍ୟତ ରାଜମୁକୁଟ ତାରି ମୁଣ୍ଡରେ ଲାଗିବ ।

କଥା ଶୁଣି ଟିକଏ ଭାବିଲା ଶଶୀ ଶେଖର । କାରଣ, ସେ ବି ତା ବାପା ମାଆଙ୍କର ଏକୋଇର ବଳା । ଏ କଥା ଶୁଣିଲେ ସେମାନେ ମୋଟେ ରାଜି ହେବେ ନାହିଁ । ଫଳରେ ଗୋଟାଏ ବିଭ୍ରାଟ ସୃଷ୍ଟି ହେବ । ପୁଣି ଭାବିଲା, ବିଭ୍ରାଟ ହେବ କାହିଁକି ? ଦରକାର ପଡ଼ିଲେ ଦୁଇଟିଯାକ ରାଜ୍ୟ ଏକାଠି କରିଦେଇ ଶାସନ କରିହେବ । ଅଧିକା ଦରକାର ହେବ ଜଣେ ରାଜ ପ୍ରତିନିଧି ।

ଭାବି ଭାବି ପ୍ରଥମେ ସେଇ କଥାଟା ସ୍ଥିର କଲା ସେ । ତା ପରେ ଚିଠି ଖଣ୍ଡେ ଲେଖି ମାଳୀଣୀକି ପଠାଇଲା ପଦ୍ମମୋହିନୀ ବାପାଙ୍କ ପାଖକୁ । ମାଲ୍ୟାଣୀ ଏଥିପୂର୍ବରୁ ତାଙ୍କ ପାଖକୁ ଯା ଆସ କରେ ଏବଂ ଦରକାର ପଡ଼ିଲେ କିଛି କଥାବାର୍ତ୍ତା କରି ପାରିବାର ସ୍ୱାଧୀନତା ବି ପାଇଛି । ତେଣୁ ସେ ସିଧାସଳଖ ଯାଇ ସମସ୍ତ କଥା ରଜାଙ୍କୁ କହିଲା ।

ରଜା ବିଚାର କରି କହିଲେ —ଶଶୀ ଶେଖର ଆସି ଦେଖା କରୁ ।

Digitized by srujan ka@gmail.com

ମାଲୁଣୀ ଯାଇ ଶଶୀ ଶେଖରଙ୍କୁ କହିଲା ଏବଂ ସଙ୍ଗରେ ଆଣି ଦେଖା ସାକ୍ଷାତ କରାଇ ଦେଲା । ରଜା ପ୍ରଥମେ ତାର ପରିଚୟ ବୁଝିଲେ । ରୂପ ଦେଖି ମନଟା ପୂରାପୂରି ମାନିଗଲା । କହିଲେ— ତୁମେ ଯଦି ପଦ୍ମମୋହିନୀକୁ ବିଭା ହେବ, ତେବେ ମୋ ଊଆସରେ ରହିବ । ଭବିଷ୍ୟତକୁ ଏ ରାଜ୍ୟ, ଧନ ସବୁ ହେବ ତୁମର । ଏ କଥାରେ ରାଜି ଅଛ ତ ?

ଶଶୀ ଶେଖର କହିଲା—ହଁ ।

ପଚାରିଲେ— ତୁମ ବାପା ଯଦି ରାଜି ନ ହୁଅନ୍ତି ?

କହିଲା— ମୋ କଥା ମୁଁ ସ୍ୱାଧୀନ ଭାବରେ ଜଣାଇଲି । ଯେଉଁ କନ୍ୟା ପାଖରେ ମୋର ମନ ମାନିଲା, ମୁଁ ତାକୁ ବିଭା ହେବି । ଏଥିରେ ବାପାଙ୍କର ବାଧା ଦେବା ଅନୁଚିତ ଏବଂ ଅନ୍ୟାୟ । ଜୀବନ ସଉଦା କଥା । ଏଥିରେ ଆପଣାର ରୁଚି ଦରକାର । ପର ରୁଚିରେ ପ୍ରମାଦ ଥାଏ । ତେଣୁ ମୁଁ ଯାହା କହିଲି, ସେହି କଥା ହିଁ ଠିକ୍ ।

ପଚାରିଲେ— ବିଭାଘର କରିବାକୁ ତ ବାପାଙ୍କର ମତ ଲୋଡ଼ା ?

କହିଲା—ହଁ ! .. ତଥାପି ମୋର ଧାରଣା, ଏ କଥାରେ ବାପା ମୋଟେ ଅରାଜି ହେବେ ନାହିଁ ।

ରଜା କହିଲେ— ତୁମେ ଆଉ କୁଆଡ଼େ ନ ଯାଇ ଆମର ଊଆସରେ ଥାଅ । ମୁଁ ଲୋକ ପଠାଇ ତୁମ ବାପାଙ୍କୁ ଡକାଇ ଆଣିବି । ସବୁ ପ୍ରକାର କଥାବାର୍ତ୍ତା ଏଇଠି ସରିଯିବ ।

ଶଶୀ ଶେଖର କହିଲା— ଏଭଳି କାର୍ଯ୍ୟ କଲେ ବାପାଙ୍କ ମନରେ କଷ୍ଟ ଆସିବ । ତେଣିକି ସେ ପ୍ରସ୍ତାବ ସପକ୍ଷରେ ଆସି ପାରିବେ କି ନା, ସେ କଥା ମୁଁ କହି ପାରୁ ନାହିଁ । ମୋର ଇଚ୍ଛା ମୁଁ ଘରକୁ ଯାଇ ମାଆଙ୍କ ଦ୍ୱାରା ଏ କଥା ତାଙ୍କୁ ଜଣାଇବି ।

Digitized by srujan ka@gmail.com

ଆପଣଙ୍କ ଆଡ଼ୁ ଖବର ନିବ କାହିଁକି, ସେହି ଖବରଟା ତାଙ୍କ ତରଫରୁ ଆସିଲେ ଅନ୍ତତଃ ଭଲ ହେବ ।

ଏ କଥାରେ ରଜାଙ୍କ ମନଟା ମାନିଗଲା । ଶଶୀ ଶେଖରଙ୍କର ବାକ୍ୟର ବୁଦ୍ଧି ଓ ଚତୁରତା ଦେଖି ସେ ଭାରି ପସନ୍ଦ କଲେ । ପଠାଇ ଦେଲେ ସଖୀମାନଙ୍କ ସଙ୍ଗେ ପଦ୍ମମୋହିନୀ ଉଆସକୁ । ସେଠାରେ ଦୁହିଁଙ୍କର ଦେଖା ସାକ୍ଷାତ ଓ କଥାବାର୍ତ୍ତା ହେଲା । ପାନ ଓ ସାମାନ୍ୟ ଜଳଯୋଗର ବ୍ୟବସ୍ଥା କରିଦେଲା ପଦ୍ମମୋହିନୀ । କଥାବାର୍ତ୍ତାର ଢଙ୍ଗଢାଙ୍ଗ ଦେଖିଲେ ଦୁହେଁ ଦୁହିଁଙ୍କୁ ଅନୁଭବ କଲେ । ମନ ମାନିଲା, ପ୍ରାଣ ଧାରିଲା, ଚିତ୍ତବୃତ୍ତି କହିଲା—ଈଶ୍ୱର ଯାହା କରନ୍ତି ମଙ୍ଗଳ ପାଇଁ ।

କେତେଦିନ ରାଜବାଟୀରେ ରହିଲେ ଶଶୀ ଶେଖର । ରଜା ରାଣୀ ତାଙ୍କୁ ଜନ୍ମିତ ପୁଅ ଅପେକ୍ଷା ଅଧିକ ସ୍ନେହ ବି ଦେଖାଇଲେ । କୌଣସି କଥା ବାରଣ ନ ଥିଲା ତା ପାଇଁ । ତେଣୁ ସେ ଯେତେ-ବେଳେ ପାରେ ସେତେବେଳେ ପଦ୍ମମୋହିନୀ ସଙ୍ଗେ ମିଳାମିଶା କରିବାର ସୁଯୋଗ ପାଉଥାଏ ।

ଯେଉଁ ଜେଜା ଥରେ ସାପଟିଏ ଧରି ଆପଣା ବଶକୁ ଆଣି ପାରିଛି, ସେ ଜାଣିପାରିଛି ଅନ୍ୟ ସାପ କପରି ବଶକୁ ଆସିପାରିବ । ଯିଏ ଗୋଟିଏ ଦୁଷ୍ଟା ଗାଈକୁ ମଣେଇ ମାଣେଇ ଆପଣା ଗୋଠରେ ପୂରାଇ ପାରିଛି, ସେ ବି ଅନ୍ୟ ଗାଈର ବାଗ ଜାଣିପାରିଛି । ଏଣୁ କଥାରେ ଅଛି –

ଯେ ବିଦ୍ୟାରେ ଯାର ଅଛି ଅଭିଜ୍ଞତା
ସେ ବିଦ୍ୟା ତା ପକ୍ଷେ ଅଟେ ସରଳ
ପୁରୀ ପଣ୍ଡାମାନେ ଭାଙ୍ଗରେ ମିଳାଇ
ପିଅନ୍ତି ଯେପରି ନାଗ ଗରଳ ।

Digitized by srujan ka@gmail.com

ସର୍କସ ଖେଳାଳୀ ଗୁଣ୍ଡ ପରେ ହାଣ୍ଡି
ଚଳାଏ, ନିର୍ଭୟେ ନ କରି ଶଙ୍କା
ମରଣ ସନ୍ଧାରେ ସ୍କୁଟର ଉଡ଼ାଏ
ମନ ମଧ୍ୟେ ଟିକେ ନ ଥାଏ ଦକା ।
ଦେଖିଛି ଦିନେ ଯେ ଏକ କଆ ବାଡ଼ି
ଜାଣିଛୁ କପଟ ପାରିବ ଦେଇଁ
ତେଣୁ ଅକାଳରେ ଅନ୍ୟ ସମୟରେ
ଶବ୍ଦେ କଆବାଡ଼ ଜଣିଛୁ ସେଇ ।

ଶଶୀ ଶେଖର ମନ୍ତ୍ରୀକନ୍ୟା ଡଗରବାଳାକୁ ଭୁଲାଇ ପାଲରେ ପକାଇ ନେବା ଦିନ ଠାରୁ ଜାଣି ପାରିଛି କୁମାରୀମାନେ କପଟ ବଶକୁ ଆସନ୍ତି । ଠିକ୍ ସେହି ବାଗରେ ସେ ପଦ୍ମମୋହିନୀକୁ ମଧ୍ୟ ବଶ କରିନେଲା । କୁମାରୀ ମନ, କଥା କଥାକେ ବଦଳିଯାଏ । ଖାଲି କଣ, ଖମା କଣ ସେ ଦିଗରେ ଚିନ୍ତା କରୁଛି କିଏ ? ହସ ଖୁସିରେ ବା କ୍ଷଣିକ ଉତ୍ତେଜନାରେ ଭୁଲି ଯାହା ଇଚ୍ଛା ହେଲା, ତାହା କରିଗଲେ, ମାତ୍ର ଦିନ ଗୁରିଠାର କଥା । ଏହି ସମୟ ଭିତରେ ସେ ଘାଞ୍ଚୁଡ଼ି ଲଗାଇ ଦେଇଛି ପଦ୍ମମୋହିନୀ ଶରୀରରେ । ପଦ୍ମମୋହିନୀ ତାକୁ ବି ଭଲ ପାଇ ବସିଛି କାଳଯୁଗ ପାଇଁ । ମନ ଭିତରେ ଯାହା କିଛି କାମନା କି ବାସନା ଥିଲା, ତାହା ସବୁ ବ୍ୟକ୍ତ କରି ଦେଇଛି ଶଶୀ ଶେଖର ଆଗରେ ।

ଶଶୀ ଶେଖର କହୁଛି ନିୟମ ଦେଇ ତାକୁ । ମନରେ ଭଲେ ହେଲେ ଦୁଃଖ କରିବ ନାହିଁ ପଦ୍ମା ! ଯେମିତି ପାରେ ସେମିତି ହେଉ, ମୁଁ ତୁମ ଛଡ଼ା ଏ ଜଗତରେ ଆଉ କାହାରିକୁ ବିଭା ହେବି ନାହିଁ ।

ପଦ୍ମମୋହିନୀ କହୁଛି — ତୁମେ ଯଦି ମୋତେ ବରଣ କରିବ, ତେବେ ମୁଁ ଜହର ଖାଇ ଆତ୍ମହତ୍ୟା କରିବି । ତା ପରେ ବିଦାୟ

Digitized by srujan ka@gmail.com

ନେଇ ଆପଣା ରାଜ୍ୟକୁ ଯାଇଛି ଶଶୀ ଶେଖର । ପଦ୍ମମୋହନୀ ଅଛି ଅଙ୍ଗଶଯ୍ୟା ମନଦୁଃଖରେ ।

ତେଣେ ତଗରବାଳା ମନରେ ଶାନ୍ତି ନ ଥାଏ । ଶଶୀ ଶେଖରର ଦିନକ ଅନୁପସ୍ଥିତି ତାଙ୍କୁ ଲାଗୁଥାଏ ଯୁଗକ ପରି । ସେ ଖାଲି ବାଡ ଦାଣ୍ଡ ଓ ଆକାଶକୁ ଅନାଇ ଅନାଇ ଏ କେତେଦିନ ହେଲା ସମୟ କଟାଉଥାଏ । ଦିନ-ରାତିକ ଅସରନ୍ତି ହୋଇ ଉଠୁଥାଏ ତାର । ବେଳେ ବେଳେ ମନକୁ ମନ ବସି କାନ୍ଦେ । ଆଖି ଲୁହ ଗୁଡାକ ଶୁଖାଇ ଦିଏ ଗୁଣ୍ଡି ଉପରେ । ତଥାପି ଶାନ୍ତି ପାଏ ନାହିଁ ।

ଯେଉଁ ଦିନ ଶୁଣିଲା—ଶଶୀ ଶେଖର ଲେଉଟିଛି, ସେହି ଦିନ ତାଙ୍କୁ ଟିକିଏ ଶାନ୍ତି ଲାଗିଲା । ପଦ୍ମ ତପନଙ୍କୁ ଓ କୁମୁଦ ଚନ୍ଦ୍ରଙ୍କୁ ଅନାଇଲା ପରି ସେଦିନ ରାତିରେ ଯାଙ୍କ ଅପେକ୍ଷା କଲା ଫୁଲ ବଗିଚାରେ । ଯଥା ସମୟ ଦେଖି ଆସିଲା ଶଶୀ ଶେଖର । ଦୁହେଁ ଏକାଠି ହେଲେ । କେତେ ଦିନର କେତେ କଥା ପଡିଲା । ହସିଲେ, ବସିଲେ, ରସିଲେ । ମହା ଆନନ୍ଦ ହେଲା । ତଗର କହିଲା— ମନରେ କାହିଁକି ସନ୍ଦେହ ହେଉଛି ।

ଶଶୀ ପଚାରିଲା—କଥା କଣ ?

କହିଲା—ଏ ମାସରେ ମୋର ମାସିକ ହୋଇ ନାହିଁ ।

କଥାଟାକୁ ମୋଟେ ପସନ୍ଦ କଲା ନାହିଁ ଶଶୀ । କହିଲା— ତୋଟାଏ ନିହାତି ବାଜେ କଥା । ଯଦି କିଛି ନା କିଛି ହୋଇଥିବ, ତେବେ ଭୟ କରିବାର ଅଛି କ'ଣ ? ଦୁହେଁ ତ ବିଭା ହେବାର କଥା, ସନ୍ଦେହ କଣ ?

କଥା ଶୁଣି ଆନନ୍ଦ ହେଲା ତଗରବାଳା । ତା ପରେ ଦୁହେଁ ଦୁହିଁଙ୍କ ପାଖରୁ ବିଦାୟ ନେଇ ଗଲେ ନିଜ ନିଜ ପ୍ରକୋଷ୍ଠକୁ ।

ତେଣେ ପଦ୍ମ ମୋହିନୀ କଥା ବି ପାଶୋରି ପକାଇଲା ଶଶୀ ଶେଖର । ପୁଣି ମୁଣ୍ଡରେ ଲାଗିଲା ତଗରବାଳା ପ୍ରେମ । ପ୍ରତିଦିନ

Digitized by srujan ka@gmail.com

ଦୁହେଁ ଫୁଲ ବଗିଚାରେ ଦେଖା ସାକ୍ଷାତ ଓ ମିଳନ ମଜଲିସରେ ମସଗୁଲ ହୋଇ ଉଠିଲେ । ପାଣି ପରି ଚାଲିଲା ପ୍ରେମ ପ୍ରୀତିର କାରବାର । ଦୀର୍ଘ ଦୁଇ ମାସ ଯାଏ ଆଉ କିଛି ଚନ୍ତାଦକ ନ ଥିଲା । ଦୁହେଁ ଖୁବ୍ ଆନନ୍ଦରେ ଭାସୁଥିଲେ ।

ହଠାତ୍ ଦିନେ ଜଣେ ପରିବ୍ରାଜକ ଅନ୍ୟ ଗୋଟିଏ ରାଜକୁମାରୀର ଚିତ୍ରପଟ୍ଟ ଓ ପ୍ରଚାରପତ୍ର ଦେଖ ପଢ଼ାଇଲେ । ସେଥିରେ ଲେଖାଥିଲା, ଏ କନ୍ୟା ହସିଲେ ମଣି ଓ କଥା କହିଲେ ମୁକ୍ତା ଝଡ଼େ । ନାମ— ମଣିମୁକ୍ତା-ସୁନ୍ଦରୀ କନକବାଳା । ଯେଉଁ ରଜାପୁଅ କଥା କହି ତାଙ୍କୁ ହସାଇ ଦେଇ ପାରିବ, ସେ ତାକୁ ବରଣମାଳା ଦେବେ । ନ ପାରିବା ରଜାପୁଅ ବନ୍ଦୀ ହୋଇ ରହିବ କାରା ମନ୍ଦିରରେ ।

ଏତକ ଶୁଣି ଶଶୀ ଶେଖରର ମନ ହେଲା ଯିବା ପାଇଁ । ପରିବ୍ରାଜକଙ୍କଠାରୁ ସେ ଠିକଣା ଟିପି ରଖିଲା । ମଥୁରା ରାଜକୁମାରୀ ମଣିମୁକ୍ତା ସୁନ୍ଦରୀ କନକବାଳା । ବାପ ମାଆଙ୍କୁ ଜଣାଇଲା ଯିବା ପାଇଁ । ସେମାନେ ବି ଅନୁମତି ଦେଲେ । କହିଲେ—ରଜାପୁଅ ଏଭଳି ପ୍ରତିଯୋଗିତାରେ ହାତ ନ ମାରିଲେ ଆଉ କଣ କରି ପାରିବ ? ସୁତରାଂ ପକ୍ଷୀରାଜ ଘୋଡାରେ ଚଢ଼ି ସେ ଯାଉ ।

ଆଉ କି ଖାଲି, ଖମା କିଛି ମାନେ ଶଶୀ ଶେଖର ? ପରଦିନ ସକାଳୁ ବିଧିମତେ ଟଙ୍କା ପଇସା ନେଇ, ପକ୍ଷୀରାଜ ଘୋଡାରେ ଚଢ଼ି ଦଉଡ଼ିଲା ମଥୁରା ରାଜ୍ୟକୁ । ଗଲାବେଳେ ତଗରବାଳାକୁ କିଛି କହିଗଲା ନାହିଁ ।

ଶୁଆଶୁଣିରେ ସବୁ କଥା ଶୁଣିପାରିଲା ତଗର । ମନଟା ବିଷେଇ ଉଠିଲା । ବର୍ତ୍ତମାନ ସେ କଣ କରିବ, କିଛି ଠିକ୍ କରି ପାରିଲା ନାହିଁ । ଅବଲା ବୋଲି ଗୋଟିଏ ସଖୀ ସାଙ୍ଗରେ ତାର ଖୁବ୍ ବିଶ୍ୱାସ । ସେ ମଧ୍ୟ ଖୁବ୍ ଚତୁରୀ । ତଗରର ପ୍ରାଣକଥା ସେ ଜାଣେ, ତା ପ୍ରାଣକଥା ବି ତଗର ଜାଣେ । ସନ୍ଧ୍ୟାବେଳେ ତାକୁ ପାଖକୁ

Digitized by srujan ka@gmail.com

ତାକ ସବୁ କଥା କହିଲା ଓ କଣ କରିବ ବୋଲି ଶେଷ କଥା ପଚାରି ଆଖିରୁ ଲୁହ ଗଡ଼ାଇ କାନ୍ଦିଲା ।

ତାର ଦୁଃଖ ଦେଖି ଅବଳା ତାକୁ ଧୂର୍ତ୍ତ ଭାବରେ କେତେ ଗୁଡ଼ାଏ ପରାମର୍ଶ ଦେଇ ବିଦାକଲା ଘରକୁ । ତା ପରେ ନଗର ଜଣେ ଚିତ୍ରକାରକୁ ଡକାଇ ଆପଣା ମୁହଁ ପରି ଗୋଟିଏ ମୁଖା କରି ଦେବାକୁ ବରାଦ ଦେଲା । ଚିତ୍ରକାରଟି ଥିଲା ସୁଦକ୍ଷ ଶିଳ୍ପୀ । ସେ ଘଡ଼ିକ ଭିତରେ ଗୋଟିଏ ଏମିତି ମୁଖା ତିଆରି କରିଦେଲା ଯେ, ମୁହଁରେ ଲଗାଇଦେଲେ ଖାପ ଖାଇ ପୂରା ମିଶି ଯାଉଥିଲା ଚନ୍ଦ୍ରା ସାଙ୍ଗରେ । ପରଦିନ ରାତିକି ଅବଳା ଆସିଲା । ସେହି ମୁଖାଟିକୁ ମୁହଁରେ ଦେଇ ନାଗରର ଅଳଙ୍କାର ପିନ୍ଧି ଓ ଶାଢ଼ୀ ପିନ୍ଧି ହେଲା ନଗରବାଳା ବେଶ ।

ନଗରବାଳା ଆପଣାକୁ ଗୋଟିଏ ରାଜପୁଅ ବେଶରେ ସଜାଇ ନେଇ ଚଢ଼ିଲା ଘୋଡ଼ା ଉପରେ । ପକ୍ଷୀରାଜ ଘୋଡ଼ା । ଗତି ତାର ବିଜୁଳି ପରି । ଖାଲି, ଖମା କି ଗଡ଼ାଣି ଉଠାଣି କିଛି ନ ମାନି ଯଥା ସମୟ ପୂର୍ବରୁ ପହଞ୍ଚିଲା ମଥୁରା ରାଜ୍ୟରେ ।

ସେତେବେଳକୁ ଶଶୀ ଶେଖର ଯାଇଥାଏ ତାକୁ ହସାଇବାକୁ ମାତ୍ର ପାରି ନ ଥାଏ । ବନ୍ଦୀଶାଳକୁ ଦିବା କଥା । ପ୍ରହରୀମାନେ ହାତକଡ଼ି ଓ ଗୋଡ଼ ବେଡ଼ି ଆଣି ପ୍ରସ୍ତୁତ ହୋଇଗଲେଣି । ମଣିମୁକ୍ତା ସୁନ୍ଦରୀ ଅନୁମତି ଦେଲା ମାନେ ଧରି ନେବ । ଏମିତି ବେଳେ ମାୟାବେଶୀ ରାଜପୁତ୍ର ପହଞ୍ଚି ଖବର ଦେଲା—ମୋତେ ଥରେ ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିବାକୁ ଦିଅ । ଏ କଥା ଶୁଣି ରାଜକନ୍ୟା କହିଲା—କାଲିକି ।

ତା ପରେ ଶଶୀ ଶେଖରକୁ ଆଦେଶ ହେଲା କାରାଗାର ନିବାସ । ପ୍ରହରୀମାନେ ସାଙ୍ଗେ ସାଙ୍ଗେ ନେଇଗଲେ । ବାଟରେ ମାୟାବେଶୀ ରାଜପୁତ୍ର ଦେଖା ହୋଇ କହିଲା—

Digitized by srujan ka@gmail.com

ଏକରେ ଯା ମନ ସନ୍ତୋଷ ନ ହୁଏ
ଏକ କୋଟିରେ ବି ତାର
କଦାପି ନ ଆସେ ଶାନ୍ତି ଜବା ସୁଖ
ସାର ଖାଲି ନାରଖାର ।

କିଛି ବୁଝିପାରିଲା ନାହିଁ ଶଶୀ ଶେଖର । ମୁଣ୍ଡଟା ଏତେ ଘୋଳମାଳ ହୋଇ ଯାଇଥିଲା ଯେ, ବାହାରର କିଛି କଥା ସେଥିରେ ସମ୍ଭାଇ ପାରିବା କଷ୍ଟ । ତେଣୁ ମୁହଁ ତଳକୁ କରି ଚାଲିଗଲା କାରା ମନ୍ଦିରକୁ ।

ମାୟାବେଶୀ ରଜାପୁଅ ସଙ୍ଗେ ପ୍ରଥମେ ଚିଠିପତ୍ର ଦ୍ୱାରା କଥା-ବାର୍ତ୍ତା କଲା ମଣିମୁକ୍ତା କନକବାଳା ସୁନ୍ଦରୀ । ହସାଇ ନ ପାରିଲେ କାରାଗାରରେ ରହିବ ବୋଲି ଲେଖି ଦିଅ ।

ସେଥିରେ କିଛି ଆପତ୍ତି କଲା ନାହିଁ ମାୟାବେଶୀ । ସବୁ ଲେଖି ଦେଲାପରେ, ସେ ବି ଚାହିଁଲା—ଯଦି ତୁମେ ହସିବ, ତେବେ ପ୍ରଥମେ ବନ୍ଦୀ ହୋଇଥିବା ରଜାପୁଅମାନଙ୍କୁ ଖଲାସ କରିବ ଏବଂ ହାରିଲି ବୋଲି ଲେଖିଦେବ । ତାପରେ ଯାଇ ବାହାଘର ।

କନ୍ୟା ସେ କଥା ସ୍ୱୀକାର କଲାରୁ ପ୍ରତିଯୋଗିତା ସମୟ ସ୍ଥିର କରାଗଲା—ପରଦିନ ସନ୍ଧ୍ୟାବେଳକୁ । ଏ ମଧ୍ୟରେ ମାୟାବେଶୀ ତା ମୁଣ୍ଡବାଳରୁ ଫାଳେ କ୍ଷୌର ହୋଇପଡ଼ି ଆଉ ଫାଳେ ରଖିଲା । ଗୋଟିଏ ଆଖିରେ କଜ୍ଜ୍ୱଳ ଲଗାଇ ଆଉ ଗୋଟିଏ ଆଖି ଖାଲି ରଖିଲା । ନାକ ଉପରେ ପୂରାପୂରି ମଡ଼ାଇ ଦେଲା ନାଲି ରଙ୍ଗ । ବେଶ ପରିପାଟି ଏଭଳି ଭାବେ ସଜାଡ଼ି ନେଲା ଯେ, ଯେ କେହି ଲୋକ ଦେଖିଲେ ହସି ହସି ଗଡ଼ିଯିବ ।

ତେଣେ ରଜା ଝିଅ ବେଶ ବିନ୍ୟାସ ହୋଇ ସିଂହାସନରେ ବସିଛି । ଚାରିପାଖରେ ତାର ଘେରି ବସିଛନ୍ତି ଷୋଳଟି ସଖୀ । ସମସ୍ତେ ସୁନ୍ଦରୀ, କଟାକ୍ଷ ଓ ରହସ୍ୟମୟୀ । ହେଲେ, ମୁହଁ ଗୁଡ଼ାକ

Digitized by srujan ka@gmail.com

ଶୁଣିଲ ବଣୁଆଏ । ରାଜକନ୍ୟା ଯେମିତ, ସଖିମାନେ ବ ସେମିତି । ସମସ୍ତେ ଶୁଣିଲ ମୁହାଁ ସରୁ କାଟେଣୀ, ଅଭିମାନବତୀ । ପୁରୁଷମାନଙ୍କୁ ଦହଗଞ୍ଜ କର କାର ମନ୍ଦରରେ ଟେପଷାଇବାକୁ ଭଲ ପାଉଛନ୍ତି । ତେଣୁ ସେମାନଙ୍କୁ ବିଶ୍ୱାସ କଣ ?

ପହଞ୍ଚିଲ ମାୟାବେଶୀ । ସେମାନେ ତାକୁ ଦେଖିବା ପୂର୍ବରୁ ପାଟିକର କହିଲ—ଦେଖ, ସମସ୍ତେ ଏକାବେଳକେ କହ

ସୁନା ଛ ତୋସା, ରୁପା ଛ ତୋସା ।
ଛ ଛ ତୋସା ବାର ତୋସା ।

ଚଞ୍ଚଳ ଚଞ୍ଚଳ କହ । ନ କହିଲେ ମୁଁ ଲଙ୍ଗଳା ହୋଇ ନାଚିବ । ଜାଣିଛିକି, ମୁଁ ଲଙ୍ଗୁଳି ଦେଶର ରଜାପୁଅ । ମୋ ନାଁ ମଙ୍ଗୁଳି । ବହୁତ ଜନ୍ତ୍ରମନ୍ତ୍ର ଜାଣିଛି । କଥା ନ ମାନଲେ ସମସ୍ତଙ୍କୁ ଧୁଁ କାଳିକା ଚଢ଼େଇ କର ଉଡ଼େଇ ଦେବ । କହ, ଚଞ୍ଚଳ ଚଞ୍ଚଳ କହ । ଏତିକ କହି ବାହାର କଲ ଗୋଟାଏ ଖଣ୍ଡିଆ ନଳ । ତାକୁ ଟିପିଦେଲ ମାତ୍ରେ ସେଥିରୁ ବାହାର ପଡ଼ିଲ ଗୋଟାଏ ଲହ ଲହକା ସାପ । ପୁଣି ଟିପିଦେଲାକୁ ପଶିଗଲ ଭିତରକୁ ।

ରାଜକନ୍ୟା ସଖୀମାନଙ୍କୁ କହିଲ—ସେ ଯାହା କହୁଛି, ସମସ୍ତେ ତା କଥା ମାନ ସେହି କଥା କହ । ମତେ ଜଣାପଡ଼ୁଛି ଲୋକଟା ଗୁଣିଆ ଏବଂ ପାଗଳ । ତା କଥା ନ ମାନଲେ ସେ ହର କଛି ଅନଷ୍ଟ କରିବ ।

ଏ କଥା ଶୁଣି ସମସ୍ତେ କହିବାକୁ ଚେଷ୍ଟା କଲେ; ମାତ୍ର କାହାର ଠିକ୍ ହୋଇ ପାରିଲ ନାହିଁ । ସମସ୍ତଙ୍କ ମୁହଁରୁ ଖାଲ ଶୁଣାଗଲ—

ସୁନା ଛ ସୋଠା, ରୁପା ଛ ସୋଠା,
ଛ ଛ ସୋଠା ବାର ସୋଠା ।

Digitized by srujan ka@gmail.com

ଆପଣା ମନକୁ ସମସ୍ତେ ହସି ଉଠିଲେ ଓ ରାଜକନ୍ୟା ଉପରେ ପଡ଼ିଲେ । ଥରେ ହସ ଖୋଲିଦିବାରୁ ଆପଣା ମନକୁ ହସର ତରଙ୍ଗ ଛୁଟିଲା । ଯେତେ ସମ୍ଭାଳିଲେ ଆଉ ସମ୍ଭାଳ ହେଲା ନାହିଁ ।

ମାୟାବେଶୀ ପୁଣି କହିଲା, ଆହୁରି ସମସ୍ତେ କହ—
ଭଣ୍ଡାରୀ ଭରଣ୍ଡିରେ ବରଡ଼ି ବଦାଉଳ ।
ତେଲଶାଳେ ତେଳ ଗୁଲ—ତେଲଶାଳେ ତେଳ ଗୁଲ ।

ଶୁଣିବାକୁ ମଜା ଲାଗିଲା ଭାରି । ଖିଲ ଖିଲ ହୋଇ ସମସ୍ତେ ହସିବାକୁ ଲାଗିଲେ । କହିବା ଯାଏ କେହି ସଫଳ କରି ପାରିଲେ ନାହିଁ । ହସ, ଖାଲି ହସ—ହସର ଝଡ଼, ତୋଫାନ ସବୁ କିଛି ସୃଷ୍ଟି ହୋଇଗଲା ।

ମାୟାବେଶୀ କହିଲା—ତୁମେ ହାରିଛ ଜେମାଦେଈ ?
ଜେମା କହିଲା—ମୁଁ ହାରିଛି ।
ପଚାରିଲା—ତେବେ ଲେଖି ଦିଅ, ନା ଦେବ ନାହିଁ ।

ବିନା ପ୍ରତିବାଦରେ ଲେଖିଦେଲା ମଣିମୁକ୍ତା ସୁନ୍ଦରୀ । ତା ପରେ ଆଦେଶ ଦେଲା—ବନ୍ଦୀ ରାଜପୁତ୍ରମାନଙ୍କୁ ଖଲାସ କରି ଦେବା ପାଇଁ । ହେଲେ ହେଁ, ମନ ଭିତରେ ଆସିଲା ପ୍ରବଳ ଦୁଃଖ ଏବଂ ଚିନ୍ତା ।

କଣ କରିବାକୁ ଯାଇ ସେ ଆଜି କଣ କରିଛି କଣ ? ଯାହାର ପାଣି ପ୍ରାର୍ଥନା କରିବାକୁ ଶହ ଶହ ସୁନ୍ଦର-ସୁକୁମାର ରାଜନନ୍ଦନ ଛୁଟି ଆସିଥିଲେ ଦୂରଦୂରାନ୍ତରୁ, ରୂପ ଗର୍ବ ଓ ମନର ଦାମ୍ଭିକତା ନେଇ ସେମାନଙ୍କୁ ନିରାଶ କରିଛି । ଖାଲି ନିରାଶ ବି ନୁହେଁ, ବିଜୟ କାମନାରେ ଗର୍ବିତା ହୋଇ ଠକି ଦେଇଛି କାରାଗାରରେ । ସେହି ଆଜି ଜଣେ ପାଗଳ ନିକଟରେ ଆତ୍ମସମର୍ପଣ କରିବାକୁ ବାଧ୍ୟ ହେବ । କାହିଁକି ? କାହା ଦୋଷରୁ ?

Digitized by srujan ka@gmail.com

ଭାଗ୍ୟ ଦୋଷ ନା ନିଜ ଦୋଷ ? ସବୁ ନିଜ ଅବିମୃଶ୍ୟକାରିତାର ଦୋଷ । କାହା ଆଗରେ ଆଉ ଗୁହାରି କରିବ ? ସବୁ ତ ନିଜେ କରିଛି । ଫଳ ଯାହା ଫଳିବ, ତାକୁ ପୁଣି ଭୋଗିବ କିଏ ? ପୁଣି ମନେ ମନେ ଭାବିଲା—ଯାହା ହେବାର ହେଉ ପଛକେ, ପାଗଳଟାକୁ ଫେରାଇ ଦେବ ।

ଫେରାଇ ଦେଲେ ରାଜଦରବାର କଦାପି କ୍ଷମା କରି ପାରିବ ନାହିଁ । କଠିନ ଦଣ୍ଡର ବ୍ୟବସ୍ଥା କରିବ । ବନ୍ଧୁବାନର ଚୁକ୍ତି; ଯେଉଁ ଚୁକ୍ତିକୁ ସ୍ୱୀକାର କରି କେତେ ଜଣ ରାଜକୁମାର ସଜା ଭୋଗୁଛନ୍ତି, ସେହି ଚୁକ୍ତିକୁ ଜଣେ ରାଜକୁମାରୀ ଅବମାନନା କରିବ କେଉଁ ସାହସରେ ?

ନା, କଦାପି ନୁହେଁ । ଯାହା ପରେ ତାହା ହେଉ, କି ଏପାଖ କିମ୍ବା ସେ ପାଖରେ ଉଦୟ ହେଉ ପଛକେ, ପାଗଳ ଯାଦୁକରର ହାତ ଧରି ସଂସାର କରିବାକୁ ପଡ଼ିବ । ଏହି ପ୍ରକାର ସିଦ୍ଧାନ୍ତରେ ପହଞ୍ଚି ମଣିମୁକ୍ତା ସୁନ୍ଦରୀ ମାୟାବେଶୀକୁ କହିଲା—ମୁଁ ତୁମ ନିକଟରେ ପରାସ୍ତ ହେଲି । ଏଣିକି ତୁମେ ମୋର ସବୁ । ଯାହା ଆଦେଶ କରିବ, ତାହା ପାଳନ କରିବ ।

ମାୟାବେଶୀ କହିଲା—ଆଜି ମୁଦ୍ରିକା ବଦଳ କଲା ପରେ ସ୍ୱୟମ୍ବର ହେବ କାଲିକି ।

ସବୁ କଥା ମାନି ନେଲା କୁମାରୀ । ପ୍ରଥମେ ମୁଦ୍ରିକା ବଦଳ ହେଲା । ତଗରବାଳା ହାତରେ ବନ୍ଧୁ ବାନରରୁ ଥିଲା ଶଶୀ ଶେଖରର ନାମାଙ୍କିତ ହୀରା ମୁଦିଟିଏ । ସେ ସେହି ମୁଦିଟି ବଦଳ ଦେଇ ମଣି-ମୁକ୍ତା ସୁନ୍ଦରୀ ଠାରୁ ତା ନାମାଙ୍କିତ ମୁଦିଟିଏ ନେଲା । ସେତେ-ବେଳକୁ ରାଜପୁଅ ଯାକ ବନ୍ଦୀଶାଳାରୁ ମୁକ୍ତ ହୋଇ ସାରିଥାନ୍ତି । ତଳମୁହାଁ ହୋଇ ଚେଷ୍ଟା କରୁଥାନ୍ତି କିଏ ଯୁଆଡ଼େ ପଳାଇବାକୁ । ଏମିତି ବେଳେ ମାୟାବେଶୀ ଯାଇ ପହଞ୍ଚିଲା ଶଶୀ ଶେଖର

Digitized by srujan ka@gmail.com

ପାଖରେ । କହିଲା—ଦେଖ, ତୁମର ଜୟ ହୋଇଛି । ଆଉ ଅଳ୍ପ ସମୟ ପରେ ରାଜକନ୍ୟା ଆସିବ ତୁମ ଗଳାରେ ବରଣମାଳା ଦେବାକୁ ।

ଆଶ୍ଚର୍ଯ୍ୟ ହେଲା ଶଶୀ ଶେଖର । କହିଲା—ତୁମେ କିଏ ? କାହିଁକି ଗୁଡ଼ାଏ କାଳ୍ପନିକ ମିଛ କହି ମୋ ପ୍ରାଣରେ ଆଘାତ କରୁଛ ? ତାକୁ ହସାଇ ନ ପାରି ମୁଁ କାରାଗାରରେ ଥିଲି । କାହିଁକି ପୁଣି ଯେ ଆଜି ସେ ସମସ୍ତଙ୍କୁ ମୁକ୍ତ କରି ଦେଲା, ସେ କଥା ଅବଶ୍ୟ କହି ପାରିବି ନାହିଁ । ତଥାପି ଭଲ ଭାବେ ଜାଣିଛି ଯେ ମୁଁ ପରାଜିତ ।

ମାୟାବେଶୀ କହିଲା—ମୋତେ କଣ ଦେବ କହ, ମୁଁ ତୁମକୁ ମନ୍ତ୍ରଯନ୍ତ୍ର ବଳରେ ବିଜୟୀ କରାଇ ଦେବି ।

ଶଶୀ ଶେଖର କହିଲା—ତୁମେ ଯାହା ମାଗିବ, ତାହା ଦେବି ।

କହିଲା--ଖଣ୍ଡେ ଲେଖି ନ ଦେଲେ ବିଶ୍ୱାସ କରିବି ନାହିଁ ।

ଶଶୀ ଶେଖର ସାଙ୍ଗେ ସାଙ୍ଗେ ଲେଖି ଦେଲା ।

ମାୟାବେଶୀ କହିଲା—ତୁମେ ପ୍ରସ୍ତୁତ ହୋଇ ଧର୍ମଶାଳାରେ ଥାଅ । ମୁଁ ଯାଉଛି ମୋ ବେଶ ବଦଳାଇ ଆସିବି ତୁମ ଚାକର ବେଶରେ । ତୁମେ ମଧ୍ୟ ପରିଚୟ ଦେବ ଏ ମୋ ଚାକର ବୋଲି । ମୋ ନାଁ ହୋଇଥିବ ଡଗର । ତୁମେ ସେହି ନାମରେ ମୋତେ ଡାକିବ । ତେଣିକି ସେ ଯେମିତି ତୁମକୁ ବିଜୟୀ ହେବ, ସେ କଥା ରହିଲା ମୋ ଉପରେ ।

ଶଶୀଶେଖର ସେହି କଥାରେ ରାଜି ହେବାରୁ ମାୟାବେଶୀ ଗଲା ବେଶ ବଦଳାଇବାକୁ । ଯଥା ସମୟରେ ଚାକର ବେଶ ପିନ୍ଧି ଆସି ଦେଖା କଲା । ସେତେବେଳକୁ ରାଜକନ୍ୟା ପାଖକୁ ଖବର ଦେଇ-ଥାଏ ଶୀଘ୍ର ବିଭାଘର କାର୍ଯ୍ୟ ବଢ଼ାଇ ଦେବାକୁ । ସେ କଥା ରଜାଙ୍କ କାନକୁ ଯାଇ ସାରି ଥିବାରୁ ସମସ୍ତ ଆୟୋଜନ ଚାଲିଥାଏ । ଆଉ

Digitized by srujan ka@gmail.com

ହେଲା କରିବାର କୌଣସି ଆବଶ୍ୟକ ନ ଥିଲା । ଶୀଘ୍ର ଶୀଘ୍ର ବାଘଘର କାମ ବଢ଼ାଇ ବାହାରି ପଡ଼ିଲେ ଶଶୀ ଶେଖର ରାଜ୍ୟକୁ ।

ରଜା କହିଲେ—ନେଜାଇଁ ତାଙ୍କ ଇଚ୍ଛା ଅନୁସାରେ ଦାନ ଯୌତୁକ ନିଅନ୍ତୁ । ମାୟାବେଣୀ କହିଲା—ଆମ ରଜାଙ୍କର ମନା ଅଛି । ଆମେ କେବଳ କନ୍ୟାରତ୍ନଟି ଛଡ଼ା ଅନ୍ୟ କିଛି ନେବୁ ନାହିଁ । ସାଙ୍ଗରେ ଅନ୍ୟ କେହି ଯିବେ ନାହିଁ । ଆମ ସାଆନ୍ତ ଘରଙ୍କର ଯୋଡ଼ାଏ ପକ୍ଷୀରାଜ ଘୋଡ଼ା ଅଛି । ଆଉ ଗୋଟିଏ ଘୋଡ଼ା ହେଲେ କନ୍ୟା ବସିବ । ସେତିକରେ ଆମେ ଖୁସିରେ ଚାଲିଯିବୁ ।

ସେହି କଥା ହେଲା । ସାଙ୍ଗରେ କେହି ଗଲେ ନାହିଁ କି ଦାନ ଯୌତୁକ ନେଲେ ନାହିଁ । ତିନି ଜଣଯାକ ତିନୋଟି ଘୋଡ଼ାରେ ବସି ଚାଲିଗଲେ ।

ତିନି ଦିନର ବାଟ । ସେଦିନ ସନ୍ଧ୍ୟା ବେଳକୁ ଯାଇ ରହିଲେ ଗୋଟିଏ ଦେଉଳ ପାଖରେ । ଶଶୀ ଶେଖର ଓ ମଣିମୁକ୍ତା ସୁନ୍ଦରୀ ଯାଇ ମୁଖ ଶାଳାରେ ଶୋଇଲେ । ମାୟାବେଣୀ ସାରା ରାତି ଜାଗ୍ରତ ରହି ତାଙ୍କୁ ଜଗାରଖା କଲା । ଦେଉଳଟି ଥିଲା କର୍ଣ୍ଣପିଶାଚୀ ଦେଉଳ । ପ୍ରତିଦିନ ରାତି ପାହାନ୍ତାକୁ ପିଶାଚ ପିଶାଚୀ ଦୁହେଁ ସେଠାକୁ ଆସନ୍ତି । ସେଦିନ ବି ଆସିଲେ । ପିଶାଚ ପିଶାଚୀକି ପଚାରିଲା—ଏମାନେ ଏଠି କିଏ ?

କର୍ଣ୍ଣପିଶାଚୀକି ପୁଣି ଅଜଣା କେଉଁ କଥା ? ସେ ଏମାନଙ୍କ ପରିଚୟ ଠାରୁ ଆରମ୍ଭ କରି ସକଳ କଥା କହି ସାରିବା ପରେ କହିଲା—କାମଟା ତ ଏ ଯାଏଁ ଆସିଲା । ଶେଷରେ ପୁଣି ବିଘ୍ନ ଅଛି ।

ପିଶାଚ ପଚାରିଲା—କଣ ?

Digitized by srujan ka@gmail.com

କହିଲି—ରଜାପୁଅ ଯେଉଁ ଘୋଡ଼ାରେ ବସିଛନ୍ତି, ସେ ଘୋଡ଼ା ଏଠୁ ପାଞ୍ଚ କୋଶ ଗଲା ପରେ ହଠାତ୍ ବାଘ ପାଲଟି ଯାଇ ବରକନ୍ୟା ଦୁହିଙ୍କୁ ଖାଇଯିବ ।

ପଚାରିଲା—ଏଥି ପାଇଁ କଣ କିଛି ପ୍ରତିକାର ନାହିଁ ?

କହିଲି—ମାୟାବେଶୀ ଚାକର ଟୋକା ଯେବେ ଠିକ୍ ସମୟରେ ଠିକଣା କାମ କରିଦେବ, ତେବେ ସେମାନଙ୍କ ପ୍ରାଣ ରହିଯିବ ।

ପଚାରିଲା—କଣ କରିବ ?

କହିଲି—ଘୋଡ଼ାଟା ପ୍ରଥମେ ବାଘ ପାଲଟିବ ଲାଙ୍ଗୁଡ଼ ଆଡ଼ୁ । ମାୟାବେଶୀ ଠିକ୍ ତାର ପଛରେ ଥାଇ ଲକ୍ଷ୍ୟ ରଖିଥିବ । ସେ ବାଘ ପାଲଟିଛିବା ମାତ୍ରେ ଲାଙ୍ଗୁଡ଼ଟାକୁ ହାଣି ଦେଲେ ଯାଏ । ଆଉ ବାଘ ପାଲଟି ପାରିବ ନାହିଁ କି ଖାଇ ପାରିବ ନାହିଁ । କିନ୍ତୁ ଘରି ଅଡ଼ୁଆ ।

ପଚାରିଲା—ଅଡ଼ୁଆ କଣ ?

କହିଲି—କଥାଟି ଯେବେ କାହା ଆଗରେ କହି ହେଏ, ତେବେ ସେ ପାଲଟିଯିବ କୁଣ୍ଡ କୁକୁରଟିଏ ।

ଏତକି କଥାବାର୍ତ୍ତା ଭିତରେ ରାତି ପାହିଯିବାରୁ ସେମାନେ ଅନ୍ତର୍ଦ୍ଧାନ ହୋଇଗଲେ । ମାୟାବେଶୀ ସବୁ କଥା ଶୁଣି ମନ କଥା ମନେ ରଖିଲା । ନିଦ ଭାଙ୍ଗିବାରୁ ଶଶୀ ଶେଖର ଓ ମଣିମୁକ୍ତା ସୁନ୍ଦରୀ ଉଠି ନିତ୍ୟକର୍ମ ସାରିଲେ । ତା ପରେ ଘୋଡ଼ାରେ ଚଢ଼ି ବାହାରିଲେ ଯିବା ପାଇଁ ।

ଆଗରୁ ମାୟାବେଶୀ ଆଗରେ, କନ୍ୟା ମଝିରେ ଓ ଶଶୀ-ଶେଖର ପଛରେ ଯାଉଥିଲେ । ଏହି ଷଣି ଛଦ୍ମବେଶୀ କହିଲା—ଏଠୁ ଛଅ କୋଶ ବାଟ ଯିବା ଯାଏ ତୁମେ ଦୁହେଁ ମୋ କଥା ମାନିବ ।

Digitized by srujan ka@gmail.com

ଶଶୀ ଶେଖର ପଚ୍ଚରିଲା—କଣ ?

କହିଲା—ଯୁବରାଣୀ ଚାଲିବେ ଆଗରେ । ତାଙ୍କ ପଛକୁ ଥିବେ ଯୁବରାଜ । ସବା ପଛରେ ରହିବ ମୁଁ । ମାତ୍ର ଛଅ କୋଶ ବାଟ ଗଲା ପରେ ପୁଣି ପୂର୍ବ ପରି ଚାଲିବା ।

ସେହି କଥା ହେଲା । ଶଶୀ ଶେଖରଙ୍କୁ ଛଦ୍ମବେଶୀ କହିଲା, ତୁମ ଖଣ୍ଡାଟା ମତେ ଦିଅ । ସେ ବି କିଛି ପ୍ରତିବାଦ ନ କରି ଦେଇ ଦେଲା । ପ୍ରକୃତରେ ବାଟ ପାଞ୍ଚ କୋଶ ଗଲା ପରେ ଘୋଡାଟାର ଲାଙ୍ଗୁଡ଼ ଆଡ଼୍ ପାଲଟି ଆସିଲା ବାଘ । ଏ କଥା ଦେଖି ଛଦ୍ମବେଶୀ ଖୁବ୍ ସାବଧାନରେ ଦେଲା ଗୋଟେ ଯେ, ଲାଙ୍ଗୁଡଟା ତା ଦେହରୁ ଅଲଗା ହୋଇଗଲା । ବିଜୁଳି ବେଗରେ ଘୋଡାରୁ ଓହ୍ଲାଇ ଛଦ୍ମ ବେଶୀ ତାକୁ ରଖିଦେଲା ଆପଣା ପାଖରେ । ଘଟଣାଟା କେହି କିଛି ଜାଣି ପାରିଲେ ନାହିଁ । କେବଳ ଘୋଡାଟାର ପଛପଟେ ବାଘ ଓ ଆଗପଟ ଘୋଡ଼ା ପରି ରହିଲା ।

ଶଶୀ ଶେଖର ପଚାରିଲା—ଏ ଘଟଣା କଣ ?

ମାୟାବେଶୀ କହିଲା—କିଛି ନାହିଁ । ଏ ଯାଗାର ଗୋଟାଏ ଗୁଣ ଅଛି; ଯେତେ ଘୋଡା ଆସନ୍ତୁ ପଛକେ, ଗୋଟାଏ ଘୋଡା ପାଲଟା ବାଘ ହୋଇଯାଏ । ପୁଣି ଲାଙ୍ଗୁଡ କାଟିଦେଲେ ଯେତିକ ହେବାର କଥା, ସେତିକ ହୋଇ ଅଟକି ଯାଏ ।

ଏମିତି ଭୁଲା ଭୁଲି କଥାରେ ମନ ବୁଝୁ କି ନ ବୁଝୁ, ଶଶୀ ଶେଖର ଆଉ କିଛି ପଚାରିଲା ନାହିଁ । ଯଥା ସମୟରେ ସମସ୍ତେ ଯାଇ ଘରେ ପହଞ୍ଚିଲେ । ମାୟାବେଶୀ ବିଦାୟ ମାଗିଲା, ମୋଟେ ରହିଲା ନାହିଁ । କହି ବୋଲି ଚାଲିଗଲା ଘରକୁ । ରାଜବାଟୀରେ ଲାଗିଲା ଆନନ୍ଦ ଉତ୍ସବର କୋଳାହଳ ।

Digitized by srujan ka@gmail.com

ଡଗରବାଳା ଘରକୁ ଯାଇ ଅବଳା ସଙ୍ଗେ ବେଶ ବଦଳ କରି ରହିଲା । ଅବଳା ଗଲା ନିଜ ଘରକୁ । ଏ କଥା କେହି ଜାଣି ପାରିଲେ ନାହିଁ ।

× × ×

ଦିନ ପରେ ଦିନ ହୋଇ ମାସ କଟିଲା । ମାସ ପରେ ଗୃହ ମାସ ବି ଗଲା । ତେଣେ ପଦ୍ମମୋହିନୀର ଗର୍ଭ ଓ ଏଣେ ଡଗର ବାଳାର ଗର୍ଭ ପ୍ରକାଶ ହୋଇ ଆସିଲା ଲୋକଲୋଚନକୁ ।

ଶଶୀ ଶେଖର ଘର ଖବରକୁ ଅନାଇ ଅନାଇ ତା ବାପା ଆଉ ଧୈର୍ଯ୍ୟ ଧରି ପାରିଲେ ନାହିଁ । ଏଣେ କନ୍ୟାର ଗର୍ଭ କଥା ଜଣା ପଡ଼ିଗଲା । ପଗ୍ଭରିବାରୁ ସେ କହିଲା, ଶଶୀ ଶେଖର ନାଁ । ରଜା ଖୁବ୍ ବିଗିଡ଼ିଲେ । ସବୁ କଥା ଚିଠିରେ ଲେଖି ଜଣେ ଦୂତ ପଠାଇଲେ ତା ବାପା ପାଖକୁ ।

ବାପା ତାର ଚିଠି ପାଇ ଶଶୀ ଶେଖରକୁ ପଗ୍ଭରିଲେ । ଶଶୀ ଶେଖର କହିଲା—ପଦ୍ମମୋହିନୀଟା ବିଦେଶୀ । ମୋ ସଙ୍ଗେ ତାର କେବେହେଲେ କିଛି ସମ୍ପର୍କ ନାହିଁ । ଦେଶ ଭ୍ରମଣକୁ ଗଲାବେଳେ ମୁଁ ଅବଶ୍ୟ ତାକୁ ବିଭା ହେବା ପାଇଁ ସତ୍ୟ କରିଥିଲି, ମାତ୍ର ଏହିକ୍ଷଣି ତାର ଦୁଶ୍ଚରିତ୍ର କଥା ଶୁଣି ଆଉ ବିଭା ହେବାକୁ ରାଜି ନାହିଁ ।

ଦୂତ ଯାଇ ସେହି କଥା ପଦ୍ମମୋହିନୀ ବାପାଙ୍କୁ କହିଲା । ସେ ଝିଅ ଉପରେ ବିରକ୍ତ ହୋଇ ତାକୁ ଘରୁ ବାହାର କରି ଦେଲେ । ବିଚ୍ଛା ଦୁର୍ନାମରେ ଆଉ ମୁଣ୍ଡ ଟେକି ଦାଣ୍ଡରେ ଗ୍ଭଲି ପାରିଲା ନାହିଁ । ବାଧ ହେଲା ଆତ୍ମହତ୍ୟା କରିବାକୁ ।

ଶଶୀ ଶେଖର ମଣିମୁକ୍ତା ସୁନ୍ଦରୀ କନକବାଳା ପ୍ରେମରେ ଭୋଳ ହୋଇ ଡଗରବାଳାକୁ ଆଉ ପଗ୍ଭରିଲା ନାହିଁ । ତେଣୁ ତା ମନରେ ହେଲା ପ୍ରବଳ ଦୁଃଖ । ଏଣେ ଧରପଗଡ଼ ଲାଗିଲା ଗର୍ଭ

ହେବା କଥା । ମନ୍ତ୍ରୀଙ୍କ ମନ ବଢ଼େଇ ଉଠିଲା ତା ପ୍ରତି । ସେ କହିଲେ ଘରୁଂ ବାହାର କରି ଦେବାକୁ । ଲୋକେ ବଡ଼ କଡ଼ା ସମାଲୋଚନା କଲେ । ରଜା କହିଲେ—ମୋ ରାଜ୍ୟରେ ଏ ଭଳି ଦୁଶ୍ଚରିତ୍ରା କନ୍ୟା ରହିବା ଅବଶ୍ୟ ଉଚିତ ନୁହେଁ । ତାକୁ ଧରି ଆଣ, ଶୂଳରେ ବସାଇ ଦେବା ।

ସେହି କଥା ହେଲା । ଲୋକେ ଯାଇ ଡଗରକୁ ଧରି ଆଣିଲେ । ପଚାରିବାରୁ ସେ କହିଲା—ମୁଁ ଧର୍ମ ନାମରେ ଶପଥ ନେଇ କହୁଛି, ଶଶୀ ଶେଖର ପିଲାଦିନୁ ଶପଥ କରିଥିଲେ ମୋତେ ବିଭା ହେବାକୁ । ତାଙ୍କ ସଙ୍ଗେ ମୋର ଅବାଧ ମିଳାମିଶା ଥିଲା । ନିତ ନର୍ତ୍ତନ ରାତିରେ ଆମର ଦେଖା ସାକ୍ଷାତ ହୁଏ ରଜାଙ୍କ ଫୁଲ ବଗିଚାରେ । ତାଙ୍କରି ତେଜ ବର୍ତ୍ତମାନ ମୋ ଗର୍ଭରେ ଅଛି । ଏଥିରେ ମିଛ ଥିଲେ ମୋ ମୁର୍ଦ୍ଧନା ପାତ ହେବ ।

ଶଶୀ ଶେଖର କହିଲା—ଏ କଥା ପୁରାପୁରି ମିଛ । ଆମେ ଦୁହେଁ ପିଲାଦିନେ ପଢ଼ିଲା ବେଳେ ଯେତିକି ଦେଖା ସାକ୍ଷାତ ହୋଇଛୁ ସେତିକି । ତା ପରେ ଆଜି ପର୍ଯ୍ୟନ୍ତ ମୁଁ ତାର ଛୁଇ ମାଡ଼ି ନାହିଁ । ସବୁ କଥା ଗୁଡ଼ାକ ସେ ମୋ ନାଁରେ ମିଛ କହୁଛି । ଏଥିପାଇଁ ତାକୁ ଶୂଳି ଦିଆଯାଉ ।

ଡଗର ଦଣ୍ଡକ ପାଇଁ ହତବାକ୍ ହୋଇ ଭାବିଲା—ଆରେ, ପୁରୁଷ ଜାତିଟା ଏତେ ବିଶ୍ୱାସ ଘାତକ ? ନିୟମ କରି, ବଚନ ଦେଇ, ମୋ ନାରୀତ୍ୱକୁ ସ୍ୱାମୀ ଭାବରେ ଉପଭୋଗ କରି ଏତେ-ଗୁଡ଼ାଏ ମିଥ୍ୟା ? ଜଗତରେ ଆଉ ଧର୍ମ ଅଛି କଣ ?

ତାକୁ ନୀରବ ରହିବା ଦେଖି ରଜା ପଚାରିଲେ—କି ଡଗର ! ଆଉ କିଛି କହିବାର ଅଛି ନା ଶୂଳିକୁ ଯିବୁ ?

ଡଗର କହିଲା—ମୋର ବହୁତ କିଛି କହିବାର ଅଛି । ଆପଣଙ୍କ ପୁଅ ଏ ଭଳି ପ୍ରତାରକ ବୋଲି ମୁଁ ଜାଣି ନ ଥିଲି ।

Digitized by srujan ka@gmail.com

ତଥାପି ଆପଣ ତାଙ୍କୁ ପଚାରନ୍ତୁ, କନକବାଳାକୁ ବିଭା ହେଲେ କିପରି ?

ଶଶୀ ଶେଖର କହିଲା—ସେ କଥାରେ ତୋର କଣ ଅଛି ?

ତଗର କହିଲା—ତୁମେ ପରାସ୍ତ ହୋଇ କାରାଗାରରେ ଥିଲ । ମୁଁ ମାୟାରେ ଗୋଟିଏ ରଜାପୁଅ ବେଶ ଧରି ଯାଇ ତାକୁ ହସାଇ ଦେଲି । ସେ ପରାସ୍ତ ହୋଇ ମୋତେ ବିଭା ହେବାକୁ ପ୍ରସ୍ତାବ କଲାରୁ ମୁଁ କହିଲି—ଯେତେ ରଜାପୁଅ ବନ୍ଦୀରେ ଅଛନ୍ତି, ସମସ୍ତଙ୍କୁ ଖଲାସ କରିଦିଅ । ସେ କଥା ହୋଇଗଲା । ମୁଁ ଯୁବତୀ କି ସେ ଯୁବତୀ । ବିଭାଘର କେମିତି ହେବ ବୋଲି ତତ୍ପରକରି ଆଗେ ମୁଦଟା ବଦଳ କଲି । ତୁମ ନାମାଙ୍କିତ ମୁଦ ଅନେକ ଦିନୁ ମୋ ପାଖରେ ଥିଲା । ସେ ଗୋଟିକ ତାକୁ ଦେଇ ତା ନାମାଙ୍କିତ ମୁଦ ଆଣି ମୁଁ ତୁମକୁ ଦେଖାଇଲି । ସେତେବେଳେ ତୁମେ ମୁହଁ ତଳକୁ କରି ପଳାଇ ଆସୁଥିଲ ଘରକୁ । ମୋ କଥା ମାନି ଧର୍ମଶାଳାରେ ରହିଲ । ପରଦିନ ମୁଁ ତୁମ ଚାକର ହୋଇ ତା ସଙ୍ଗେ ତୁମକୁ ବିଭା କରାଇଲି । ଦାନ ଯୌତୁକ ଆଣିବା କଥା ଭାଙ୍ଗି ଦେଇ ମାତ୍ର ଗୋଟିଏ ଘୋଡ଼ା ମାଗିଲି । ତିନ ଜଣଯାକ ଗୋଟିଏ ଘୋଡ଼ାରେ ବସି ରାଜ୍ୟକୁ ଆସିଲେ । ଏ କଥା କଣ ମିଛ ?

ଶଶୀ ଶେଖର କହିଲା—ସବୁ ମିଛ । ତୁ ଗୋଟାଏ ଦୋଚାରୁଣୀ । ଇତର ଲୋକ ଆଡ଼େ ଗର୍ଭ ହୋଇ ମୋତେ ମିଛ ଅପବାଦ ଦେଉଛୁ । ଏଥିପାଇଁ ତୁ ଶୂଳୀରେ ଯିବୁ ।

ତଗର କହିଲା—ମୁଁ ତ ମରିବି, ସେଥିପାଇଁ କିଛି ଚିନ୍ତା ନାହିଁ । ବରଂ ଆନନ୍ଦ ହେଉଛି ଯେ, ତୁମେ ମୋର ପ୍ରଭୁ । ଦୁହେଁ ଦୁହିଁଙ୍କୁ ଜୀବନ ଦେଇ ଭଲ ପାଇଥିଲେ । ତୁମର ଉତ୍ତର-ବଂଶଧରକୁ ମୁଁ ଗର୍ଭରେ ଧରିଛି । ମୁଁ ମଲେ ମୋ ସାଙ୍ଗରେ ସେ ବି ମରିବ । ମରୁ, କିଛି ଚିନ୍ତା ନାହିଁ । ଭଗବାନଙ୍କୁ ଅଶେଷ ଧନ୍ୟବାଦ ଯେ, ଗୋଟାଏ ଦୈବୀ-ମୃତ୍ୟୁ ମୁଖରୁ ମୁଁ ତୁମକୁ ବଞ୍ଚାଇ ପାରିଛି ।

Digitized by srujan ka@gmail.com

ଏ କଥାରେ ସମସ୍ତେ ବିଶେଷ ଭାବେ ଆଶ୍ଚର୍ଯ୍ୟ ହୋଇଗଲେ । ରଜା କୌତୁହଳୀ ହୋଇ ପଚାରିଲେ—ସେ କଥାଟା କଣ ?

କହିଲା—ମୋତେ କ୍ଷମା କରନ୍ତୁ ମହାରାଜ ! ଶୂଳରେ ବସି ମଲେ ଖୁବ୍ ଶୀଘ୍ର ମୁକ୍ତି ପାଇଯିବି । ସେ କଥାଟା କହିଦେଲେ ଅତି ହୀନ ଜୀବନ ଧରି ବାଞ୍ଚି ହେବାକୁ ପଡ଼ିବ ।

ପଚାରିଲେ—କଣ ?

କହିଲା—ଅଭିଶାପ ଅଛି, ସେ କଥା ପ୍ରକାଶ କଲେ ହୋଇ-ଯିବି ଗୋଟିଏ କୁଷ୍ଠ—କୁକୁର ।

ଶଶୀ ଶେଖର କହିଲା—ଏ ସବୁ ମିଛ କଥା । ବୁଦ୍ଧି ନ ଅଣ୍ଟିବାରୁ ଗୋଟାଏ ବାହାନା କରୁଛି । କଥାଟାଏ କହିଦେଲେ ମଣିଷ କେବେ କୁକୁର ପାଲଟି ଯିବ ?

ସଭାରେ ଶହ ଶହ ଲୋକ ଥିଲେ । ସମସ୍ତେ କହିଲେ - ଠିକ୍ ଠିକ୍, ତସ୍କରକୁ ବାଧ କରାଯାଉ କଥାଟା କହିବାକୁ ।

ମନ୍ତ୍ରୀ କହିଲେ—ଶୁଣ୍ ତସ୍କର । ତୁ ଯାହା କହୁଛୁ ସେ କଥା ଯଦି ସତ୍ୟ ହୋଇଥାଏ, ତେବେ ମୁଁ ନିଜ ଜୀବନ ଦେଇ ଚେଷ୍ଟା କରିବି ତୋତେ କୁଷ୍ଠ-କୁକୁରରୁ ମଣିଷ କରିବାକୁ । ମୋ ବଂଶରେ କାଳ ଲାଗି ନା । ଯାହା ନିଶ୍ଚିତ ସତ୍ୟ, ସେ କଥା ପ୍ରକାଶ କରି ଦେ ।

ତସ୍କର ତିନି ଥର ଧର୍ମକୁ ସାକ୍ଷୀ ଦେଇ ସାରିଲା ପରେ କହିଲା, ମହାରାଜ । ଆପଣଙ୍କ ଅସ୍ତାବଳରେ ଗୋଟିଏ ଘୋଡ଼ା ଅଛି । ସେ ଅଧେ ପାଲଟି ଯାଇଛି ବା ଘା ଲାଙ୍ଗୁଡଟା ବି ତାର ହଣା ହୋଇଛି । ସହିସମାନଙ୍କୁ କହନ୍ତୁ ତାକୁ ଏଠିକି ଆଣିବା ପାଇଁ ।

ସତକୁ ସତ ସେଇଆ ହେଲା । ପାଲଟା ଘୋଡ଼ା ସେଠିକି ଆଣିବା ମାତ୍ରେ ମୁହଁଟା ଶୁଖିଗଲା ଶଶୀ ଶେଖରର । ଛାତି ଭିତରଟା

Digitized by srujan ka@gmail.com

ଖାଲି ଉଠିଲା ପଡ଼ିଲା । ହେଲେ, ଆଉ ଉପାୟ କଣ ? ଯାହା ଘଟିବାର ଥିବ ଘଟିଚିବ ବୋଲି ସେ ବସିଲେ ନୀରବ ଅବସ୍ଥାରେ ।

ଚଗର ଯେଉଁ ବାଇ ଲଙ୍ଗୁଡ଼ଟା ହାଣି ରଖିଥିଲା, ତାକୁ କାଢ଼ି ଥୋଇଲା ରଜାଙ୍କ ପାଖରେ । ତା ପରେ ଧର୍ମକୁ ସାକ୍ଷୀ ଦେଇ ଆରମ୍ଭ କଲା—କର୍ଣ୍ଣପିଶାଚୀ ଦେଉଳ ଠାରୁ ।

ସମସ୍ତେ ଶୁଣି ଧନ୍ୟ ଧନ୍ୟ କହିଲେ । କଥା ସରିଲା ବେଳକୁ ଭଗର ହୋଇ ସାରିଥିଲେ କୁଣ୍ଡ-କୁକୁରଟିଏ । ମନ୍ତ୍ରୀ ତାକୁ କୁଣ୍ଢାଇ ଧରି ଲାଗିଥାନ୍ତି କାନ୍ଦିବାରେ । ରଜାଙ୍କ ଆଖିରେ ବ ଆଖିଏ ଲୁହ । ଦେଖଣାହାରୀଙ୍କ ଆଖିରେ ଲୁହ । ଭୁଣ୍ଡରେ ଆହା-ଆହା ପଦ ।

ଶଶୀ ଶେଖର ଆଉ ସେଠାରେ ବର୍ତ୍ତି ପାରିଲା ନାହିଁ । ଲାଜ ଓ ଭୟରେ ପଳାଇଗଲା ମଣିମୁକ୍ତା ସୁନ୍ଦରୀ କନକ ବାଳା ପାଖକୁ । ସେତେବେଳକୁ ସବୁ କଥା ସେ ଶୁଣି ସାରିଥାଏ । ତେଣୁ ଶଶୀ ଶେଖରକୁ କହିଲା ଖୁବ୍ ରାଗରେ—

ବିଶ୍ୱାସ ଘାତକ ହେ ପୁରୁଷ ତୁମେ
ଧର୍ମକୁ ମାରୁଛ ଆଖି
ଇନ୍ଦ୍ରିୟର ଲାଳସା ମେଣ୍ଟାଇ ଶେଷରେ
ସତ୍ୟକୁ ଦେଉଛ ଫାଙ୍କି ।
ଧର୍ମ ଦରବାରେ ଅଛି ଯେଉଁ ଶକ୍ତି
ଚଞ୍ଚଳ ହୋଇଲେ ତହିଁ
ପଡ଼ିବ ରୌରବ ନରକ ଗରଭେ
ଏ କଥା ମିଥ୍ୟା ନୁହଇ ।
ବରଂ ସନ୍ନ୍ୟାସିନୀ ହୋଇ ନାରୀମାନେ
ବନସ୍ତେ ବଞ୍ଚିବା ଶ୍ରେୟ ।
ଭୋଗ ଲାଳସାରେ ଉଚିତ ପୁରୁଷେ
କେବେ ନ କରିବା ପ୍ରେୟ ।

Digitized by srujan ka@gmail.com

ତା କଥାରେ କିଛି ଉତ୍ତର ଦେଇ ପାରିଲା ନାହିଁ ଶଶୀ ଶେଖର । ଦେଖି ଦେଖି ମୁହଁଟା କଳା ପଡିଗଲା । ମନକୁ ମନ ଖାଲି କଇଁ କଇଁ ହୋଇ କାନ୍ଦୁଥାଏ । ରାସ୍ତା ଘାଟରେ ଲୋକମାନେ ଛି ଛି କରି କରି ଗାଳି ଦେଉଥାନ୍ତି । ତେଣୁ ସେ ଯାଇ ଶୋଇଲା ଗମ୍ଭିରୀ ଘରେ ମୁହଁ ମାଡ଼ି କରି ।

ମନ୍ତ୍ରୀ କୁଣ୍ଡ-କୁକୁରଟିକି ନେଇ ଘରକୁ ଗଲେ । ତାଙ୍କ ଘରେ ତିନି ଦିନ ହେଲା ଚୁଲି ଜଳା ନାହିଁ । ରଜା ବୋକା ପାଲଟି ଯାଇଛନ୍ତି । ଯିଏ ଯେତେ ଯାହା ପଚାରୁଛନ୍ତି, କାହାରିକି କିଛି ଜବାବ ଦେଉ ନାହାନ୍ତି । ରାଜ୍ୟସାରା ବସିଛି ଠାଆକୁ ଠାଆ । ଲୋକେ ଖାଲି ଗାଳି ବର୍ଷଣ କରୁଛନ୍ତି ଶଶୀ ଶେଖର ଉପରେ ।

ସନ୍ଧ୍ୟାବାଳୀ କହିଲା–ମୁଁ ଗଲା ବେଳେ ତୋତେ ଗୋଟିଏ ଔଷଧ ଦେଇଯିବି । ତୁ ତାକୁ ନେଇ ସେ କୁଣ୍ଡ କୁକୁର ଆଖିରେ ଅଞ୍ଜନ କରି ଲଗାଇ ଦେବୁ ଯେ, ସେ ପୁଣି ଆପଣା ରୂପ ପାଇ-ଯିବ, କିନ୍ତୁ ତମ କଥା କି ମୋ କଥା କାହାରି ଆଗରେ କହିବୁ ନାହିଁ ।

କଥା ଶୁଣି ଭଣ୍ଡାରୁଣୀ ଖୁସି ହୋଇଗଲା ଓ କଲ୍ୟାଣ ମୁଣି ଝାଡ଼ିଦେଲା ସନ୍ଧ୍ୟାବାଳୀ ମୁଣ୍ଡରେ । ତା ପରେ ସମସ୍ତେ ଶୋଇ ପଡ଼ିଲେ । ବୁଝିଲୁ ଶୁଆ । ତୁମ ପୁରୁଷ ଜାତିଟା ଏହିପରି ଗାଲୁଆ, ଧପ୍‌ପାବାଜ ଓ ଫିସାଦିଆ । ସେମାନଙ୍କୁ ବିଶ୍ୱାସ କରି ନାରୀ-ମାନେ ଯେଉଁ ଯନ୍ତ୍ରଣା ଭୋଗୁଛନ୍ତି, ସେ କଣ କମ୍ କଥା ?

ଶୁଆ କହିଲା–ହେ, ଯା'ମ, ଏଇ ଗୋଟାଏ କେଉଁ କଥାରେ କଥା ଯେ ? ମୁଣ୍ଡ ହଲାଇ, ବେକ ଫୁଲାଇ, ଲାଞ୍ଜ ଝୁଲାଇ, ଗେଟେଇ ଗେଟେଇ ହୋଇ ଗପି ଯାଉଛୁ ।

ଶାରୀ କହିଲା–ନ ହେଲେ ନାହିଁରେ, ମୋ କଥାଟି ଏଇଠି ସରିଯାଉ । ତେଣିକି ତୋର ଯାହା କହିବାର ଅଛି କହିବୁ ।

Digitized by srujan ka@gmail.com

ସରିଯାଉ କଥା ମୋର ଏହିଠାରୁ ଶୁଆ
ମନେ ମନେ ତେଣିକି ତୁ ଗୈବାଇବୁ ଗୁଆ ।
ଉଖୁଡ଼ା କଦଳୀ ଲଡୁ ଯେତେ ଯେ ଆଣିବ
ସବୁ ମୁଁ ଖାଇବ ମୋର କ୍ଷୁଧା ମେଣ୍ଟିବ ।
ତୋ ପାଇଁ ରଖିବ ଖାଲି ଖାଉଆ ଖଡ଼ାକୁ
ଗୈବାଇ ଖାଇବୁ ଥଣ୍ଟ କରି ଠାକୁ ଠାକୁ ।
ଖଡ଼ାଖିଆ ଶୁଆ ବୋଲି ସକଳେ କହିବେ
ଶାରି ନଡିଆ ଖାଇଲା ପିଲାଏ ଗାଇବେ ।
ପାରିବୁ ଏଣିକି ଯେବେ କହି ଟପାଟପ୍
ସାରି ଦେଲି ମୋ କାହାଣୀ ଅତି ଝପାଝପ୍ ।

ପ୍ରବୀରର ଉପଯଥା

ଶୁଆ କହିଲା—ହଉ, ଯାହା ତ କହିବାର ଗୁଡ଼ାଏ କହିଗଲୁ । ଏ ଥରକ ମନ ପ୍ରାଣ ଲଗାଇ ଶୁଣ୍ । ମୁଁ ଆରମ୍ଭ କଲି—ଲମ୍ବା ଯେତିକି, ଚଉଡ଼ା ସେତିକି । ହାଁ—

ଟୁଙ୍କୁ ମୂଷି ଯାଇଥିଲା ମାଉସୀ ଘରକୁ
ପୁଷି ବିଲେଇ ଦେଖିଲା ତାକୁ ଦେଇ ନଜରକୁ ।
ଠାକୁ ଠାକୁ କରି ପାଟି ଅଇଲା ଚମକି
ଓଳିଆ ସନ୍ଧି ପାଖରେ ରହିଲା ଥମକି ।
ବସିଥିଲା ବୁଢ଼ା ହନୁ କଇଁଆ ଗଛରେ
ହୁଁ ବୋଲି ମାଇଲା ଡାକ ପୁଷିର ପଛରେ ।
ଗୁମା ଗୁମୁ ଗୁମୁରେ
ଡାକ୍ ଦୁମା ଦୁମୁରେ
କୋଇଲି ଡାକେ ଆମ୍ବ ଗଛରେ
ତା କୁମୁ ତା କୁମୁରେ ।

Digitized by srujan ka@gmail.com

ସଉରୀ ଘରେ ଭାତ ତିଅଣ ଗଉଡ଼ୀ ଘରେ ଡାଲି
ବାଉରୀ ମୁଣ୍ଡେ ମୁଣ୍ଡେଇ ଆଣେ ବେତାକୁ ବେତା ବାଲି ।
କାଳିଆ କୁଣ୍ଡ ଫାଳିଆ ପାଁଠି ମେଲିଇ ଭୁକେ ଭୁଉ
ବାଳିଆ ମାଛ ଗୋଳିଆ କଲି ପାଣିକ କରି ଡୁଉ ।
ପ୍ରବୀର ଚାଲେ ଥିରି ଥିରିକା ଜଙ୍ଗଲ ବାଟ ଉଣ୍ଡି
ତପ କରିବ କନକ ଚମ୍ପା ବଞ୍ଚିବା ବାଟ ଧୁଣ୍ଡି ।

ନାରୀ ଜାତି ପ୍ରତି ପ୍ରବୀର ମନରେ ଆସିଛି ଗୋଟାଏ ବିତୃଷ୍ଣା । ତେଣୁ ସେ ଭାବୁଛି ଆଉ ସନ୍ଧ୍ୟାବାଳୀ ପାଖକୁ ଯିବ ନାହିଁ କି ତାକୁ ଦେଖା କରିବ ନାହିଁ । କନକ ଚମ୍ପାକୁ ବଚନ ଦେଇଛି ଯେତେବେଳେ, ସେତେବେଳେ ଯାହା ପାରେ ତାହା ହେଉ ପଛକେ; ଥରେ ଚେଷ୍ଟା କରିବ ତାକୁ ବଞ୍ଚାଇବା ପାଇଁ । ଏଣୁ ଚାଲିଛି ପୂର୍ବ ଦିଗ୍‌ରେ । ମନ ଭିତରେ ଶାନ୍ତି ନାହିଁ କି ସୁଖ ନାହିଁ ।

ଗୋଟିଏ ନିଘୋଡ଼ ଜାଗା । ଚାରିପାଖ ଯାକ ଠିଆ ହୋଇଛି ଉଚ୍ଚ ଉଚ୍ଚ ପର୍ବତ । ତା ଭିତରକୁ ଯିବା ପାଇଁ ଗୋଟିକ ଛଡ଼ା ଆଉ ଅନ୍ୟ ବାଟ ନାହିଁ । ଗହନ ଜାଗା, ଗହନ ବନସ୍ତ । ଛୋଟଠୁଁ ବଡ଼ ପର୍ଯ୍ୟନ୍ତ ହଜାର ହଜାର ଗଛ ଠିଆ ହୋଇଛି ଖୁବ୍ ଗର୍ବରେ । ଶ୍ୟାମଳ ସମ୍ଭାର ଘେନି ଶହ ଶହ ଲତା ମାଡ଼ି ଯାଇଛି ଗଛ ଶିଖରକୁ । ଜାଗାଟାକୁ ଦେଖିଲେ ମନ ଭିତରେ ପବିତ୍ରତା ଜମାଟ ବାନ୍ଧି ଆସୁଥାଏ । ପ୍ରବୀରକୁ ଭାରି ଆନନ୍ଦ ଲାଗିଲା । ମନେ ମନେ ଭାବିଲା ସେ—ପ୍ରକୃତରେ, ଭଗବାନଙ୍କୁ ଡାକିବାକୁ ହେଲେ ଏହିଭଳି ନିରୋଳା ସ୍ଥାନ ଦରକାର । ମଣିଷ ନ ଖାଇ ନ ପିଇ ମରୁ ପଛକେ, ଏ ଭଳି ସ୍ଥାନ ଛାଡ଼ି ଅନ୍ୟ ସ୍ଥାନରେ ବସି ଈଶ୍ୱର ଚିନ୍ତା କରିବା ଉଚିତ ନୁହେଁ । ଏହି କଥା ଭାବି ଗୋଟିଏ ଗଛମୂଳରେ ପଦ୍ମାସନରେ ବସି ତପସ୍ୟା ଆରମ୍ଭ କଲା ।

Digitized by srujan ka@gmail.com

ପ୍ରବାଦ ଅଛି—

ଯେ ଲୋକ ଆଚରେ ମହତ ତପସ୍ୟା
ଲଭିବାକୁ ବିଭୁ ପଦ
ଅମର ମଣ୍ଡଳ ଭାବନ୍ତି ତା ମୁଣ୍ଡେ
ଲଦ୍ଧ ଦେବାକୁ ବପ୍ରଦ ।

ପ୍ରବୀରକୁ ଯୋଗାସନରେ ବସିବା ଦେଖି ତେତେଶ କୋଟି ଦେବତାଙ୍କର ଗାତ୍ର କମ୍ପ ଆରମ୍ଭ ହେଲା । ତେଣୁ ସେ ଚେଷ୍ଟା କଲା ପରୀକ୍ଷା କରିବାକୁ । ସମସ୍ତଙ୍କ ଅଲକ୍ଷରେ ଶୂନ୍‌କା ଶୂନ ଆସିଲା ସେ ତାର ଭୟଙ୍କର ଅନୁଚରମାନଙ୍କୁ ସଙ୍ଗରେ ନେଇ । ପ୍ରବଳ ପବନ ସଙ୍ଗେ କୁଆପଥର ବର୍ଷା ହେଲା । ଘଡ଼ଘଡ଼ି ଚଡ଼ଚଡ଼ିରେ ବନଭୂମି ଦୁଲୁକୁ ଥାଏ । ବଜୁଳି ମାରୁଥାଏ ଖାଲି ଚକ୍ ଚକ୍ ଚକ୍ । ହସ୍ତୀ ଶୁଣ୍ଢ ପ୍ରମାଣେ ପାଣି ଗାଳୁଥାଏ । ହେଲେ ପ୍ରବୀରର ଖାତିର ନ ଥାଏ ସେ କଥାକୁ । ସେ ବସିଥାଏ ଅଟଳ ଅଚଳ ମହାମେରୁ ପରି ।

ବେଳକୁ ବେଳ ବର୍ଷା ପାଣି ଏତେ ଗହଳିଆ ହୋଇ ଉଠିଲା ଯେ, ତିନ ପୁରୁଷ ଉଚ୍ଚରେ ଆରମ୍ଭ କଲା ସୁଅ ଛୁଟିବାକୁ । ସେହି ସୁଅ ପାଣିରେ ଗୋଟିଏ ସୋଲ ଭେଳା ପରି ଭାସି ଉଠିଲା ପ୍ରବୀର । ମନ ପବନ ରୁଦ୍ଧ କରି ପ୍ରାଣାୟାମ ବଳରେ ସେ କେବେ ହେଲେ ବୁଡ଼ିଗଲା ନାହିଁ କି ପଦ୍ମାସନ ଫିଟାଇଲା ନାହିଁ । ସେମିତି ଭାସି ଭାସି ଯାଉଥାଏ । ପର୍ବତ ମଧ୍ୟରେ ଯେଉଁ ବାଟଟି ଥିଲା, ସେହି ବାଟେ ଭାସି ଭାସିକା! ଚାଲିଗଲା ପ୍ରବୀର ବାର କୋଶ ବାଟ ।

ଭୂତ ପ୍ରେତ ବଣ ନାମରେ ଗୋଟିଏ ଗ୍ରେଞ୍ଚିଆ ବଣ । ସେଠି ପର୍ବତ ଭଳିଆ ଜମା ହୋଇଥାଏ ମଣିଷ ମୁଣ୍ଡ, ହାତ, ଗୋଡ଼ ଓ କଙ୍କାଳ । ରାତି ଅଧ ବେଳକୁ ମୁଣ୍ଡସବୁ ହସନ୍ତି । କଙ୍କାଳସବୁ ଠିଆ ହୋଇ ନାଚନ୍ତି । ଖଣ୍ଡି ଖଣ୍ଡି କିଆ ହାଡ଼ସବୁ ଆପଣା ଭିତରେ

Digitized by srujan ka@gmail.com

ପିଠାପିଠି ଲଗାନ୍ତ । ବର୍ଷା ପାଣି ପ୍ରଭାତକୁ ଭସାଇ ନେଇ ସେଇଠି ଫୋପାଡ଼ ଦେଲା । ତେବେ ବ ତାର ପଦ୍ମାସନ ଛୁଟିଗଲା ନାହିଁ କି ଆଖି ଖୋଲିଲା ନାହିଁ । ପାଣି ଯେଉଁଠି ତାକୁ ଫୋପାଡ଼ ଦେଇ ଗଲା, ସେଇଠି ବସିଲା ସେ ।

ଲୁଗାପଟା ଚିରା । ପଙ୍କ, କାଦୁଅ ଓ ବାଲି ସର ସର । ନାକ, କାନ ଓ ମୁହଁସାକ କାଦୁଅ । ଦେହ ମୁଣ୍ଡରେ ଅଳିଆ କୁଟା ପଶ ଲାଗିଥାଏ । ହେଲେ ବ ସେ କଥାକୁ ଖାତିର ନ ଥାଏ ତାର । ସେ ବସିଥାଏ ଏକ ମନ, ଏକ ପ୍ରାଣ ଓ ଏକ ଧ୍ୟାନରେ । ରାତି ଅଧ ବେଳକୁ ମୁଣ୍ଡସାକ ଘୋର କଳକଳା ପାଟିକରି ହସିଲେ । କଙ୍କାଳ ସାକ ଦଳଦଳ; ଦମଦମ ହୋଇ ନାଚିଲେ । ହାଡସାକ ଉପରେ ଉଡ଼ି ପିଠାପିଠି ହେଲେ—ଠୋ-ଠା, ଠୋ-ଠା, ଠୋ-ଠା ।

ଯେତେ ଯାହା ହେଲେ ବ ପ୍ରଭାତ ମୋଟେ ଶୁଣିଲା ନାହିଁ କି ଆଖି ଫିଟାଇ ଅନାଇଲା ନାହିଁ । ମନେ ମନେ କେବଳ କହିଲା—

ଯେ ଶରଣ ପଶିଛି ବିଶ୍ୱକର୍ତ୍ତା ଶ୍ରୀଚରଣ
ତା ପାଶେ କି ଛାରୁ ଅଟେ ମରଣ ?
ଯେ ଯାହା କରିବ କରୁ ପଛେ ଆସି
ଭରସା ମୋହର ବଇକୁଣ୍ଠ ବାସୀ ।

ହାଣ୍ଡି କି ପ୍ରଭାତ କୌଣସି କଥାକୁ ଭୟ ନ କରିବା ଦେଖି ଶାକୁଆ ଗଛରୁ ଓହ୍ଲାଇ ଆସିଲା କୋଦମା ଭୂତ । ଲମ୍ବ ଲମ୍ବ ହାତ ବଢ଼ାଇ ଧରି ପକାଇଲା ପ୍ରଭାତକୁ ଗୋଟିଏ ପେଣ୍ଡୁ ପରି । ଫୋପାଡ଼ ଦେଲା ଆକାଶ ଆଡ଼େ । ତଥାପି କିଛି ହେଲା ନାହିଁ ପ୍ରଭାତର । ସେ ପ୍ରାଣାୟାମ ବଳରେ ଧୀରେ ଧୀରେ ଖସି ଆସିଲା ଆକାଶରୁ । ଯେଉଁଠି ବସିଥିଲା, ପୁଣି ବସିଗଲା ସେଇଠି ।

ଭୂତଟା କାବା କାଠ ବନିଗଲା ଦଣ୍ଡିକ ପାଇଁ । ତା ପରେ ଯାଇ ଡାକିଲା ଭୂତ ପ୍ରେତ ସଭା । ଦୁନିଆରେ ଭୂତ, ପ୍ରେତ,

Digitized by srujan ka@gmail.com

ଡାଆଣୀ, ଚିରୁଣୀ, ଦୈତ୍ୟାନ, ପିଶାଚ ଯେତେ ଯେଉଁଠି ଥିଲେ, ସମସ୍ତେ ଆସି ପହଞ୍ଚିଲେ । ଗଛରେ ଆଲୋଚନା ଚାଲିଲା । ଯେ କହିଲା, ମୁଁ ଏମିତି କରି ଦେବ, ସେ କହିଲା—ମୁଁ ସେମିତି କରି ଦେବ । ଖୁବ୍ ବାହାଦୁରୀ ଦେଖାଇ ସମସ୍ତେ ଉଠିଲେ । ମାୟା କଲେ ଯେତିକ, ଭେଳିକ ଦେଖାଇଲେ ସେତିକ । ଆଖି ତରାଟି, ଦାନ୍ତ ନକୁଟି, ନଖ ଦାଢ଼ୀ ମୋଡ଼ି, ବାହା ବାଡ଼େଇ, ଜଙ୍ଘ ଉପରେ ଫୁଟୁକି ବସାଇ ଖୁବ୍ ଡେଇଁଲେ । ଠେକା, ପଥର, ହାଡ଼, ମୁଣ୍ଡ ଫୋପାଡ଼ି ଜାଗାଟାକୁ ମଶାଣି ଅପେକ୍ଷା ଆହୁରି ଭୟଙ୍କର କରି ଦେଲେ । ତଥାପି ପ୍ରବୀର ଡରିଲା ନାହିଁ କି ଚଳିଲା ନାହିଁ ।

ଏଣିକି କଣ କରାଯିବ ବୋଲି ପୁଣି ବିଚାର ପଡ଼ିଲା । ବାଘ, ଭାଲୁ, ସିଂହ, ହାତୀ ପଲକୁ ପଲ ଛୁଟି ଆସି ଘେରିଗଲେ ତା ଚାରିପାଖ ଯାକ ।

ଭୟଙ୍କର ରଡ଼ି ଛାଡ଼ିଲେ । ନଖ ଓ ଦାନ୍ତରେ ଯାଇ କେହି କେହି ଆଘାତ ବି କଲେ । ଗୋଟାଏ ଗୋଟାଏ ଯାଇ ତା ହାତ ଗୋଡ଼କୁ ପାଟିରେ ପୂରାଇ ଦେଲେ । ଗୋଟାଏ ବୁଢ଼ା ବାଘ ଯାଇ ପ୍ରବୀର ମୁଣ୍ଡଟାକୁ ପୁରାପୁରି ପାଟିରେ ପୂରାଇ ଦେଲା । ଚେଷ୍ଟା କରୁଥିଲା । ଚୋବାଇ ଦେବା ପାଇଁ । ଏମିତି ବେଳେ ତା ଦାନ୍ତଯାକ ମଡ଼ମାଡ଼ ହୋଇ ଭାଙ୍ଗିଗଲା । ଧାରକୁ ଧାର ରକ୍ତ ବୋହୁଥାଏ । ସେ ବିଚରା ଆଉ କରେ କଣ ? ଭୟରେ ମୁଣ୍ଡଟାକୁ ପାଟିରୁ କାଢ଼ି ପକାଇ ପଳାଇ ଗଲା ବାଟେ ବାଟେ । ତା ଦେଖା ଦେଖି ଯେତେ ବଣଜନ୍ତୁ ଆସିଥିଲେ, ସବୁଯାକ ମାଇଲେ ଛୁ ।

ଏକା ସେଠାରେ ବସି ରହିଲା ପ୍ରବୀର । ଯେତେ ଜୀବଜନ୍ତୁ ଆସି ତା ଉପରେ ଆକ୍ରମଣ ଚଳାଉଥିଲେ, ସେମାନେ ଆଉ ଇଚ୍ଛା କଲେ ନାହିଁ ତା ପାଖେ ପଶିବାକୁ । ତେଣିକି ଖାଲି ଉଲୁ, ପିମ୍ପୁଡ଼ି ଓ ଜଡ଼ା ଆସି ଲଗାଇଲେ ଖେଳ କସରତ ।

Digitized by srujan ka@gmail.com

ବନେ ବନେ ବନ ଭିତରେ ଦେଖାଗଲା, ପ୍ରବାଳ ପୁରପୁଷ୍ପ ପାଲଟି ଯାଇଛି ଗୋଟିଏ ଉଇ ହୁଙ୍କା । ତା ଭିତରୁ କେବଳ ଶୁଣା-ଯାଉଛି ହର ହର ଓ ବମ ବମ ଶବ୍ଦ ।

—ଃ*ଃ—

ସନ୍ଧ୍ୟାବାଳୀ ଭେଟ

ରତନେ ସନ୍ଧ୍ୟାବାଳୀ ଭଣ୍ଡାରୁଣୀ ବୁଢ଼ୀକ ଔଷଦ ପତ୍ର ଦେଇ ଚାଲି ଆସିଲା ସକାଳୁ ସକାଳୁ । ବଣ ବାଟ । କଣ୍ଟା ଝଣ୍ଟା, ପଥର ଟିମା ଯେତେ ଯାହା ପଡ଼ିଲେ ବି ଖାତିର କରୁ ନ ଥାଏ । ତା ପ୍ରଭୁକୁ ଭେଟିବା ପାଇଁ ଚାଲିଥାଏ ପୁରା ଦମ୍‌ରେ । ପଡ଼ିଲା ଗୋଟାଏ ନଈ । ବର୍ଷା ଓ ବନ୍ୟା ଜଳରେ ଭରପୂର ହୋଇ ଚାଲିଥାଏ ଦୁଇ କୂଳ ଖାଇ । ଡଙ୍ଗା ନାହିଁ, ପଟ୍ଟୋଉ ନାହିଁ କଂନାଆ ନାହିଁ । ପାର ହେବାକୁ କୌଣସି ଉପାୟ ବି ନାହିଁ । କେବଳ ଗୋଟିଏ ପାକୋଇ ବୁଢ଼ୀ ବସିଛି ପାଣିକୂଳେ । ମନ ହେଲେ ଗୋଟିଏ ଗୋଟିଏ ଚ୍ଛେଟିଆ କଞ୍ଚା ମାଛ ଓ ଗେଣ୍ଡା, ଶାମୁକା ଧରି ପାଟିକି ପକାଇ ଦେଉଥାଏ । ତାକୁ ଦେଖି ଭାରି ଆଶ୍ଚର୍ଯ୍ୟ ହେଲା ସନ୍ଧ୍ୟା-ବାଳୀ । ମଣିଷ କି ଅସୁରୁଣୀ କିଛି ଠିକ୍ କରି ପାରିଲା ନାହିଁ । ଖୁବ୍ ଧ୍ୟାନର ସହିତ ମନଯୋଗ ଦେଇ କିଛି ସମୟ ତାକୁ ଅନା ଇଲା । ତା ପରେ ପଚାରିଲା—ମାଉସୀ, ତୁ ଏଠି କଣ କରୁଛୁ ?

ବୁଢ଼ୀ କଣେଇ କରି ଟିକଏ ଅନାଇଲା । ତା ପରେ କହିଲା—ମୁଁ ଗୋଟିଏ ଅସୁରୁଣୀ । ମୋର ପୁଅପାଉ, ଗେରସ୍ତ, ଘଅର କେହି ହେଲେ ନାହାନ୍ତି । ବନଗୁଡ଼ାକ ଭାରି ଦୁଃଖରେ ବଢାଉଛି । ଖାଇବାକୁ କିଛି ମିଳୁ ନାହିଁ ବୋଲି ଏଇ ଗେଣ୍ଡା, ଶାମୁକା ମାଛ ସବୁ ଗୋଟାଏ ଖାଉଛି ।

ପଚାରିଲା—କଣ କଲେ ତୁ ସୁଖରେ ରହି ପାରିବୁ ?

Digitized by srujan ka@gmail.com

କହିଲି—ତୋ ପରି ଝିଅଟିଏ ଯଦି ମୋ ପାଖରେ ଥାଆନ୍ତା, ତେବେ କିଛି ଅସୁବିଧା ହୁଅନ୍ତା ନାହିଁ ମୋର ।

ସନ୍ଧ୍ୟାବାଳୀ କହିଲା—ତୁ ଯେବେ ଡମାତେ ଏ ନଈଟା ପାରି କରିଦେବୁ, ତେବେ ମୁଁ ତୋତେ ଗୋଟିଏ ଝିଅ ଯୋଗାଇ ଦେଇ ପାରିବି । ଏ କଥା ଶୁଣି ବୁଢ଼ୀ ଭାରି ଖୁସି ହୋଇଗଲା ଏବଂ କହିଲା—ଆ, ମୋ କାନ୍ଧରେ ବସ । ମୁଁ ତୋତେ ନେଇ ଆରପାରିରେ ଛାଡ଼ି ଦେବି ।

କିଛି ଆପତ୍ତି କଲା ନାହିଁ ସନ୍ଧ୍ୟାବାଳୀ । ସୁନା ପିଲାଟିଏ ପରି ଗଲା ବୁଢ଼ୀ ପାଖକୁ । ବୁଢ଼ୀ ତାକୁ କାନ୍ଧରେ ବସାଇ ସତକୁ ସତ ନଈ ପାରି କରି ଦେଲା ଏବଂ କହିଲା—ମୋତେ ଗୋଟିଏ ଝିଅ ଦେଇଯାଆ, ତା ନ ହେଲେ ମୁଁ ତୋତେ ଛାଡ଼ିବି ନାହିଁ ।

ସନ୍ଧ୍ୟାବାଳୀ ଚନ୍ଦ୍ରମଣ୍ଡଳର ଝିଅ । ମନ୍ତ୍ରତନ୍ତ୍ର ଓ ଜଡ଼ିବୁଟି ଜାଣେ ପ୍ରଚୁର ପରିମାଣରେ । ତା ପକ୍ଷରେ କୌଣସି କଥା ଅସମ୍ଭବ ନୁହେଁ । ବୁଢ଼ୀକି ବଚନ ଦେଇଛି ଯେତେବେଳେ, ସେତେବେଳେ ଯେ କୌଣସି ଉପାୟରେ ପୂରଣ କରିବାକୁ ପଡ଼ିବ ବୋଲି କଲା ଗୋଟାଏ ମନ୍ତ୍ର ।

ସଙ୍ଗେ ସଙ୍ଗେ ଶୂନ୍ୟରୁ ଖସିପଡ଼ିଲା ଗୋଟିଏ ଦିବ୍ୟ ସୁନ୍ଦରୀ ଝିଅ । ବୁଢ଼ୀ ତାକୁ ଦେଖି ବହୁତ ଖୁସି ହେଲା ଏବଂ ସନ୍ଧ୍ୟାକୁ କଲ୍ୟାଣ କରି କହିଲା—ଯାହା ପାଇବାର କଥା, ତାହା ମୁଁ ପାଇଗଲି । ଏଣିକି ଭଗବାନ ତୋର ମଙ୍ଗଳ କରନ୍ତୁ । ଯେଉଁଥିପାଇଁ ତୁ ଜଙ୍ଗଲସାରା ବୁଲୁଛୁ, ସେ ଉଦ୍ଦେଶ୍ୟ ତୋର ସଫଳ ହେଉ ।

ଏତକ କହି ମାୟା କନ୍ୟାର ହାତ ଧରିଲା ଅସୁରୁଣୀ । ଧୀରେ ଧୀରେ ଚାଲିଗଲା ନଈ ଆରପାରିକି । ସନ୍ଧ୍ୟାବାଳୀ ଖାଲ ନାଳ ହୋଇ ମୁଣ୍ଡି ଆଗେଇଲା ଆଗକୁ । ଯେତେ ପରିଶ୍ରମ ପଡ଼ିଲେ ମଧ୍ୟ ଖାତିର କଲା ନାହିଁ । ଗୋଟିଏ ପର୍ବତ ପାଖରେ ପଞ୍ଚାଏ ଦସ୍ୟୁ

Digitized by srujan ka@gmail.com

ବସି ରାତ୍ରରେ ଚୋରି କରି ଆଣିଥିବା ପଦାର୍ଥ ବାଣ୍ଟୁଥିଲେ । ସନ୍ଧ୍ୟାବାଳୀକି ଦେଖି ମନରେ ଚମକ ଲାଗିଲା ।

ଦସ୍ୟୁମାନଙ୍କ ସର୍ଦ୍ଦାର କହିଲା - ତାକୁ ଧରି ଆଣ । ମୁଁ ବିଭା ହୋଇ ତୁମମାନଙ୍କ ସର୍ଦ୍ଦାରୁଣୀ କରି ରଖିବ । ଏ କଥା ଶୁଣି ଦସ୍ୟୁମାନେ ଗୋଡ଼ାଇଲେ ସନ୍ଧ୍ୟାବାଳୀକି । ଚଢ଼େଇ ଯେମିତି ଶୀଘ୍ର ଶୀଘ୍ର ଉଡ଼ି ଚାଲିଯାଏ, ସେ ସେମିତି ଦଉଡ଼ିବାକୁ ଲାଗିଲା । ଦସ୍ୟୁମାନେ ସାରା ଦିନ ଗୋଡ଼ାଇ ଗୋଡ଼ାଇ କେବେ ହେଲେ ତାକୁ ଧରି ପାରିଲେ ନାହିଁ । ଫେରି ଆସି ସର୍ଦ୍ଦାରକୁ ନିଜର ଅକ୍ଷମତା ଜଣାଇଲେ ।

ସେଦିନ ରାତରେ ସନ୍ଧ୍ୟାବାଳୀ ଯାଇ ଶୋଇ ପଡ଼ିଲା ଗୋଟିଏ ଗଛମୂଳେ । ମରଣକୁ ତାର ଡର ନାହିଁ ଯେତେବେଳେ, ସେତେବେଳେ ସେ ଆଉ କାହାକୁ ଡରନ୍ତା ? ଦିନସାରର ପରିଶ୍ରମ ବାଧା । ଖାଇବା ପିଇବାର ଠିକ୍ ଠିକଣା ନାହିଁ । ପଥ ବିଛଣା କରି ଶୋଇ ପଡ଼ୁ ପଡ଼ୁ ଖୁବ୍ ଘୋଂଘୋଟ ନିଦ ଲାଗିଗଲା । ଘୁଙ୍ଗୁଡ଼ି ବ ମାରୁଥାଏ ଜୋରରେ ।

ରାତି ପାହିରେ ବେଳକୁ ସେ ବାଟେ ଆସିଲା ଗୋଟିଏ ବାଘୁଣୀ ଓ ଯୋଡ଼ିଏ ଛୁଆ । ମଣିଷର ଘୁଙ୍ଗୁଡ଼ି ଶବ୍ଦ ବାରି ଛୁଆମାନେ କହିଲେ —ମାଂ ଲୋ ମା । ଏଠି ଗୋଟାଏ ମଣିଷ ଶୋଇଛି ।

ବାଘୁଣୀ କହିଲା—ତା ଦୁଃଖରେ ସିଏ ଶୋଇଛି । ଆମର ଯାଏ ଆସେ କେତେ ? ଚାଲ ଆସ, ଅନ୍ୟ ଆଡ଼େ ଶୀକାର ଖୋଜିବା ।

ଛୁଆ କହିଲେ – ନାହିଁ, ତୁ ସେହି ମଣିଷଟାକୁ ମାରି ଆମକୁ ଦେ । ଆମେ ଖାଇବୁ । ତା ମାଉଁସ ଭାରି କଅଁଳ ଲାଗିବ ।

ବାଘୁଣୀ କହିଲା--ପିଲାଏ ରେ । ସେ ଲୋକଟା ଭାରି ଭୀଷଣ ଲୋକ । ତା ଦେହରେ ହାତ ଦେଲେ ଆମକୁ ବିପଦ ପଡ଼ିବ ।

Digitized by srujan ka@gmail.com

ସେ ତ ମର୍ତ୍ତ୍ୟମଣ୍ଡଳର ମଣିଷ ନୁହେଁ ଆସିଛି ଚନ୍ଦ୍ର ମଣ୍ଡଳରୁ । ପର ଉପକାର କରିବାକୁ ଦେଶସାରା ବୁଲୁଛି । ତାକୁ ମାରି ଖାଇଦେଲେ କଣ ଆମ ପେଟ ପୂରିବ ?

ପିଲାଏ ପଚାରିଲେ--ଚନ୍ଦ୍ର ମଣ୍ଡଳଟା କେଉଁଠି ?

କହିଲା—ଉପରେ ଯେଉଁ ଜହ୍ନମାମୁଁ ରାତିରେ ଆଲୁଅ ଦେଇ ହସେ, ତାର ଉପରେ ସ୍ୱର ଘର ।

ପଚାରିଲେ—ସେ ସେଠୁ କାହିଁକି ଆସିଛି ?

ବାଘୁଣୀ ତା କଥାସାରା ମୂଳରୁ ଅଗଯାଏ ସବୁ କହିଗଲା ।

ପିଲାମାନେ ପୁଣି ପଚାରିଲେ—ସେ 'ଯାହାକୁ ଖୋଜୁଛି, ସେ ଅଛି କେଉଁଠି ?

କହିଲା—ଗୋଟିଏ ରାଜାଝିଅ ଯେ, ତା ନାଁ କନକ ଚମ୍ପା । ତାକୁ ତା ଭାଇ ଖଣ୍ଡାରେ ହାଣି ପୋତି ପକାଇଥିଲା । କାଳକ୍ରମେ ସେ ଗୋଟିଏ ଫୁଲ ଗଛ ହୋଇ କନକ ଚମ୍ପା ଫୁଲ ଫୁଟୁଛି । ସେ ଯାହାକୁ ଖୋଜୁଛି, ସେହି ଲୋକଟି ପ୍ରତିଜ୍ଞା କରିଛି ତାକୁ ବଞ୍ଚାଇ ଦେବ ବୋଲି । ତେଣୁ ବହୁତ ଦୁଃଖ, କଷ୍ଟ ସହି ବସିଛି ତପସ୍ୟାରେ । ବିଧାତା ତା ଉପରେ ଅନେକ କଷ୍ଟ ଅନ୍ୟାୟ, ଅତ୍ୟାଚାର କରି ସାରିଲାଣି । ତଥାପି ସେ ଅଟଳ ଅଚଳ ହୋଇ ବସିଛି ବର ନେବା ପାଇଁ ।

ପଚାରିଲେ—କୋଉଠି ?

କହିଲେ--ଭୂତ ପ୍ରେତ ବଣରେ ।

ସେତେବେଳକୁ ସନ୍ଧ୍ୟାବାଳୀର ନିଦ ଭାଙ୍ଗି ଯାଇଥାଏ । ସେ ଆଉ ଆତ୍ମପ୍ରକାଶ ନ କରି ଗାଲ ପାରିଦେଇ ଶୁଣୁଥାଏ ସବୁ କଥା । ଏମିତି ନିଶ୍ୱାସ ମାରିଲେ କାଳେ ଶବ୍ଦ ଶୁଭିବ, ତେଣୁ ସେ ଜୋରରେ ନିଶ୍ୱାସ ବି ମାରୁ ନ ଥାଏ ।

Digitized by srujan ka@gmail.com

ବାଘମାନେ ଯାହା କହୁଛ କଥାବାର୍ତ୍ତା ହେଲେ ସବୁଯାକ ଶୁଣିଲା । ମନେ ମନେ ଧନ୍ୟବାଦ ଦେଲା ଈଶ୍ୱରଙ୍କୁ । ସେତିକିବେଳକୁ ବାଘ ଛୁଆଯାକ ତାଙ୍କ ମାଆକୁ କହୁଥାନ୍ତି—ମାଆ ଲୋ ! ତୁ କଲ୍ୟାଣ କର, ସେ ଯେମିତି ତା ପ୍ରିୟାକୁ ପାଇଯାଉ ।

ବାଘୁଣୀ କହିଲା—ଯାହା ପ୍ରତି ଭଗବାନଙ୍କର ଆଶୀର୍ବାଦ ଅଛି ତାକୁ ପୁଣି ମୁଁ ଆଶୀର୍ବାଦ କରିବି କଣ ? ତା ବାଟରେ ସେ ପରା ଠିଆ ହୋଇଛି ଅଟଳ ଅଚଳ ହୋଇ । ନୀତିଶାସ୍ତ୍ର କହୁଛି—

ଅଟଳ ଅଚଳ ଅଟେ ଯାର ମନ
କରିବ ବୋଲି ଯେ କରୁଥାଏ ପଣ ।
ଆଗ ଚଳା ପାଦ ନ ଫେରେ ପଛକୁ
ଡେଇଁଯାଏ ଅଗ୍ରେ ଦେଖି ମରଣକୁ ।
ଜୟୀ ହୁଏ ସେ ଜଗତେ ସବୁ କର୍ମେ,
ସାକ୍ଷୀ ରଖି ଆଖି ଆଗେ ଦେବ ଧର୍ମେ ।

ଏତିକି କଥାବାର୍ତ୍ତା ହୋଇ ବାଘୁଣୀ ଚାଲିଗଲା ଛୁଆମାନଙ୍କ ସଙ୍ଗରେ । ଆଖି ମଳି ସନ୍ଧ୍ୟାବାଳୀ ଉଠି ସବୁ କଥା ଥରେ ବିଚାର କଲା । ମନଟା ଚଙ୍ଗ ଚଙ୍ଗ ହେଲା, ଭୂତ, ପ୍ରେତ ବଣକୁ ଯିବାପାଇଁ, ମାତ୍ର ରାତି ଅନେକ ଥିବାରୁ ନୀରବ ଭାବରେ ଶୋଇ ପଡ଼ିଲା ଦି' ଘଡ଼ି । ପୁଣି ରାତି ପାହିବାରୁ ଧୀରେ ଧୀରେ ଚାଲିଲା ଅନ୍ଧାରୁଆ । କାଳେ ପାଶୋର ହୋଇଯିବ, ଏଥିପାଇଁ ମନେ ମନେ ଘୋଷୁଥାଏ ଖାଲି—ଭୂତ ପ୍ରେତ ବଣ, ଭୂତ ପ୍ରେତ ବଣ ।

× × ×

ତେବେଣି ଭୂତ ପ୍ରେତ ବଣରେ ଜୀବନକୁ ଜଳାଞ୍ଜଳି ଦେଇ ଯୋଗ ସମାଧିରେ ବସିଛନ୍ତି ପ୍ରବୀର । ଭୂତ ପ୍ରେତ, ବାଘ ଭାଲୁ ଇତ୍ୟାଦିଙ୍କ ଧାବଣାମୂ ଅନ୍ୟାୟ ଅତ୍ୟାଚାର ବିଫଳ ହେଲା ପରେ

Digitized by srujan ka@gmail.com

ଦେଖାଗଲା ଗୋଟିଏ ଆଲୋକର ସମୁଜ୍ଜ୍ୱଳ ବନ୍ୟା । ଆଖି ବୁଜି ବସିଥିଲେ ବି ଝଲମଲ କରି ଉଠିଲା ।

ମନେ ମନେ ଭାବିଲା—ଆଖି ଖୋଲି ଅନାଇବି, ଏ ଉଜ୍ଜ୍ୱଳ ଆଲୋକଟା କେଉଁଠୁ ଆସୁଛି ? ପୁଣି ଭାବିଲା, ଯାହା ଯେଉଁଠୁ ଆସିବାର ଆସୁ ପଛକେ, ମୁଁ କଦାପି ଲକ୍ଷ୍ୟଭ୍ରଷ୍ଟ ହେବି ନାହିଁ କି ଆଖି ଖୋଲି ଅନାଇବି ନାହିଁ ।

ତାର ଏହି ନିଷ୍ଠା ଓ ସାହସ ଦେଖି ଦେବତାଙ୍କ ମନରେ ଆସିଗଲା ପରମ ସନ୍ତୋଷ । ସେ କରୁଣା ହୃଦୟ ଓ ସୁକୋମଳ ଅନ୍ତରରେ ଆସି ଠିଆ ହେଲେ ତା ଆଗରେ । ମୁଣ୍ଡ ଉପରେ ପ୍ରଥମେ ହାତଟି ବୁଲାଇ କଅଁଳିଆ ସ୍ୱରରେ କହିଲେ—ଆଖି ଫିଟାଇ ଚାହଁ । ଭକ୍ତ ! ମୁଁ ବନଦେବତା । ଆସିଛି ତୋତେ ବର ଦେବା ପାଇଁ ।

ବନଦେବତାଙ୍କ ନାମ ଶୁଣି ପ୍ରବୀର ସାଷ୍ଟାଙ୍ଗ ପ୍ରଣିପାତ କଲା । ଦେବୀ କହିଲେ – ମନକାମନା ତୋର ପରିପୂର୍ଣ୍ଣ ହେଉ ।

ପଚାରିଲା – ମା । କନକ ଚମ୍ପା ବଞ୍ଚିବ କେମିତି ?

କହିଲେ । ତୋତେ ମୁଁ ଗୋଟିଏ ସଞ୍ଜୀବନୀ ମନ୍ତ୍ରରୁ ଅଢ଼େଇଟି ମାତ୍ର ଅକ୍ଷର ଶିଖାଇ ଦେବି । ତୁ ଶନିବାର ଦିନ ସନ୍ଧ୍ୟା ବେଳେ ଯାଇ ତା ମୂଳରେ ବସି ତାକୁ ଶହେ ଆଠ ଥର ଜପ କରିବୁ । ତା ପରେ ଯାଇ ସେ ବଞ୍ଚିବ ।

ପଚାରିଲା –ସନ୍ଧ୍ୟାବାଳୀ ?

କହିଲେ—ସେ ତ ଆସି ତୋ ପାଖରେ ପହଞ୍ଚିଗଲାଣି । ତୁ ତା ପାଇଁ ଯେତେ ବ୍ୟସ୍ତ ନୋହୁ, ସେ ତୋ ପାଇଁ ତାଠୁଁ ବେଶି ବ୍ୟସ୍ତ ।

ପଚାରିଲା—ମା, ମୋର ଭବିଷ୍ୟତ ଜୀବନଟା କିପରି କଟିବ ?

Digitized by srujan ka@gmail.com

କହିଥିଲେ— ତୋ ଉଜ୍ଜ୍ୱଳ ଭବିଷ୍ୟତ ଆସି ପହଞ୍ଚିଗଲାଣି ହାତ ମୁଠା ଭିତରେ । ଯାହା ଇଚ୍ଛା କରିବୁ, ଅକ୍ଲେଶରେ ସେ କାମ ତୋର ହୋଇ ଯାଉଥିବ । ସନ୍ଧ୍ୟାବାଳୀ ଗୋଟିଏ ସାମାନ୍ୟ ତରୁଣୀ ନୁହେଁ, ଦେବକନ୍ୟା, ବିଦୁଷୀ ଓ ତନ୍ତ୍ରମନ୍ତ୍ରମୟୀ । ସେପରି କଣୋଣାରୀ ଜଣେ ଯାହାର ହାତ ଧରିବ, ତାର ପୁଣି ଜଗତରେ ଅଭାବ ରହିବ କଣ ? ଯା, ତୋର ସବୁ କାମ ସଫଳ ହେବ ।

ଏତିକି କହି ଦେବୀ ଅନ୍ତର୍ଦ୍ଧାନ ହେଲେ । ପ୍ରବୀର ତପ ସମାଧି ତ୍ୟାଗକରି ଧୀରେ ଧୀରେ ଉଠୁଥିଲା ଗାଧୁଆ ପାଧୁଆ କରିବ ବୋଲି । ତେଣୁ ପଶିଆସିଲା ସନ୍ଧ୍ୟାବାଳୀ ହସ ହସ ମୁହଁରେ । କହିଲା– ବାଃ, ବାଃରେ ଦଗାଦାର । ଗୋଟିଏ କଣୋଣାରୀକୁ ବଚନ ଦେଇ ଆସୁଛ ନଯ ଆସିଛ । ତୁମେ କି ଭଲ ମଣିଷ, ମତେ ଟିକିଏ କହିଲ ?

ଭାରି ଲାଜ ମାଡ଼ିଲା ପ୍ରବୀରକୁ । ତାକୁ ସେ କଣ ଜବାବ୍ ଦେବ, କିଛି ଠିକ୍ କରିପାରିଲା ନାହିଁ ପ୍ରଥମେ । ତା ପରେ ଥଙ୍ଗେଇ ମଙ୍ଗେଇ ହୋଇ କହିଲା—ମୋତେ କ୍ଷମା କରିବ ସନ୍ଧ୍ୟା ! କର୍ତ୍ତବ୍ୟ ଅନୁରୋଧରେ ମୁଁ ତୁମ ପ୍ରତି ଘୋର ଅନ୍ୟାୟ କରିଛି । ବଚନ ଦେଇ ଯଥା ସମୟରେ ପହଞ୍ଚି ପାରି ନାହିଁ । ଯା ବୋଲି ତ ତୁମକୁ ପାଶୋରି ପକାଇ ନାହିଁ ?

ଆଖିରେ ଲୁହ ଟଳ ଟଳ କରି ସନ୍ଧ୍ୟା କହିଲା—ପାଶୋରି ପକାଇନା ଯେବେ, ତେବେ ଏଠି କଣ କରୁଥିଲ ?

କହିଲା– ତପସ୍ୟା ।

ପଚାରିଲେ—କାହା ପାଇଁ ?

କହିଲା—ତୁମରି ପରି ଗୋଟିଏ ଝିଅ । ଭାଇକୁ ତାର ଅଶେଷ ବିପଦ ଆପଦରୁ ବଞ୍ଚାଇ, ଆଶା କରିଥିଲି ପ୍ରଶଂସା ପାଇବାକୁ । ଫଳ କିନ୍ତୁ ଓଲଟା ଫଳିଲା । ଭାଇ ତାକୁ ଭୁଲ୍ ବୁଝି ହାଣିଦେଲା

Digitized by srujan ka@gmail.com

ଅତି ନୃଶଂସ ଭାବରେ । ଗୋଟିଏ ଖଣା ଖୋଳି ପୋତି ପକାଇଲା । କାଳକ୍ରମେ ସେ ବାଳକଟି ହେଲା ଗୋଟିଏ କନକଚମ୍ପା ଗଛ । ଫୁଲ ଫୁଟିଲା । ଉପହାର ଦେଲା ଗଙ୍ଗା ମାତାଙ୍କୁ । ଦିନେ ନୁହେଁ କି ଓଳିଏ ନୁହେଁ, ସାରା ବର୍ଷ ବର୍ଷ ଧରି ଅନେକ ବର୍ଷ ।

ପଚାରିଲି—ତା ପରେ ?

କହିଲା—ମୁଁ ତୁମ ପାଖକୁ ଯାଉ ଯାଉ, ଦିନେ ସେଇଠି ପହଞ୍ଚିଲି । ବଢ଼ିଆ କନକଚମ୍ପା ଦେଖି ଭାବିଲି, କିଛି ତୋଳା ତୋଳି କରି ନେଇଯିବି ତୁମ ପାଇଁ । ତୋଳିବାକୁ ହାତ ବଢ଼ାଇ-ବାରୁ ଗଛଟି ମଣିଷ ଭାଷାରେ ମନା କରିଦେଲା ତାକୁ ଛୁଇଁବାକୁ । କାରଣ କଣ ବୋଲି ପଚାରିଲି । ସେ ତା ଜୀବନ ଇତିହାସ କହି କାନ୍ଦିଲା ଏବଂ ପୁରୁଷମାନଙ୍କୁ ନିନ୍ଦା କଲା ।

ପଚାରିଲି—ତା ପରେ ?

କହିଲା—ପୁରୁଷମାନଙ୍କ ନିନ୍ଦା ଶୁଣି ଦେହ ମୋର ସହିଲା ନାହିଁ । ତେଣୁ ବହୁତ ପ୍ରତିବାଦ କଲି ଓ କହିଲି, ସବୁ ପୁରୁଷ ଏକା ପରି ନୁହନ୍ତି । ତୁମେ ଗୋଟାଏ ପୁରୁଷଠାରୁ ଅନ୍ୟାୟ ପାଇ ସମସ୍ତଙ୍କୁ ନିନ୍ଦା କରୁଛ କାହିଁକି ? ସେ କହିଲା—ଆମ୍ବଡା ଗଛରେ କଣ ଆମ୍ବ ଫଳେ ? ମୁଁ କହିଲି—ପେଣ୍ଡାଟିରେ ଥିବା ସବୁ ନଡ଼ିଆ ସମାନ ନ ଥାଏ । ଗୋଟିଏ ଭୂତଖିଆ ହେଲେ ଆଉ ଗୋଟିଏ ଭଲ ବି ହୁଏ । ତୁମେ ତ କହୁଛ ଯାହାର ଏତେ ଉପକାର କଲ, ସେହି ପୁରୁଷ ସେ କଥା ନ ବୁଝି ବରଂ ଏ ପ୍ରକାର ଦଣ୍ଡ ଦେଇଛି । ଏବେ ପୁଣି ଦେଖ, ସେହି ପୁରୁଷ ଜଣେ ତୁମକୁ ବଞ୍ଚାଇ ମାୟା ସଂସାରରେ ଜଣେ ପଣେ କରିପାରିବ କି ନ ପାରିବ ।

ବିମର୍ଷ ହୋଇ ଗଡ଼ି ଉଠିଲା ସନ୍ଧ୍ୟାବାଳୀ । କହିଲା—ଘୁରି ଛି ପାରିଲର ତୁମେ ? କହୋ, ତାକୁ ଯଦି ଜଣେ ପଣେ କରି

Digitized by srujan ka@gmail.com

ସଂସାରଚକ୍ରରୁ ଠିଆ କରାଇବା ପାଇଁ ତୁମର ବରାଦ ଥିଲା, ତେବେ ମୋତେ ବନ୍ଧଗଞ୍ଜରେ ପକାଇଲ କାହିଁକି ?

ଟିକିଏ ଦବିଗଲା ପ୍ରବୀର । କହିଲା—ବର୍ତ୍ତମାନ ମୁଁ ନାଚାର ହୋଇ ପଡ଼ିଛି ସନ୍ଧ୍ୟା । ତୁମେ ଯଦି ପ୍ରକୃତରେ ମୋତେ ଅନ୍ତର ଦେଇ ଭଲ ପାଉଥାଅ, ତେବେ କପରି ଏ ସଙ୍କଟରୁ ରକ୍ଷା ପାଇବି ତାର ବରାଦ କର । ତା ନ ହେଲେ ମୁଁ ବାଧ୍ୟ ହେବି ଆତ୍ମହତ୍ୟା କରିବାକୁ ।

ଖିଲ୍ ଖିଲ୍ ହୋଇ ହସି ଉଠିଲା ସନ୍ଧ୍ୟା । କହିଲା—ଯିଏ ଯାହାର ସହଧର୍ମିଣୀ ହେବାକୁ ଇଚ୍ଛା କରିଥାଏ, ସିଏ କଣ ସହ-କର୍ମିଣୀ ହୁଏ ନାହିଁ ? ତୁଚ୍ଛ ସେ ସବୁ ବାଜେ କଥା । ଏହିକ୍ଷଣି ଆସ ଆଗେ ଯିବା କନକଚମ୍ପା ପାଖକୁ ।

ଏତକ ଶୁଣିବା ମାତ୍ରେ ହସ ଫୁଟି ଉଠିଲା ପ୍ରବୀର ମୁହଁରେ । ସେ ସ୍ନେହ, ଆଦର ଓ କୃତଜ୍ଞତାରେ ଭରପୂର ହୋଇ ସନ୍ଧ୍ୟା-ବାଳୀକି ଆଲିଙ୍ଗନ କଲା । ତା ପରେ ଦୁହେଁ ଗଲେ ଝରଣା କୂଳକୁ । ପରିଷ୍କାର ପରିଚ୍ଛନ୍ନ ହୋଇ ଗାଧୁଆ ପାଧୁଆ କଲେ । ସନ୍ଧ୍ୟାବାଳୀ ତା ବିଦ୍ୟା ବଳରେ ଅମଳାନ ବସ୍ତ୍ର ଉଡ଼ାଇ ଆଣିଲା । ତାକୁ ପିନ୍ଧିଲେ । ବନସ୍ତରୁ କିଛି ଫଳମୂଳ ତୋଳି କ୍ଷୁଧା ମେଣ୍ଟାଇ ଟିକିଏ ବିଶ୍ରାମ ନେଲା ପରେ ସ୍ଥିର କଲେ କନକ ଚମ୍ପା ଗଛ ପାଖକୁ ଯିବା ପାଇଁ ।

ଯିବେ କପରି ?

ଚାଲି ଚାଲି ଗଲେ ଅନେକ ଦିନ ବିଳମ୍ବ ହେବ । ମନ ଓ ହୃଦୟ ଆଉ ବିଳମ୍ବ ସହିପାରୁ ନାହିଁ । ତେଣୁ ଯେପରି ଶୀଘ୍ର ପହଞ୍ଚି ହେବ, ସେଥିପାଇଁ ଯୋଗାଡ଼ କଲା ସନ୍ଧ୍ୟା । କେନ୍ଦୁ ଗଛ, ଶାଳ ଗଛ ଓ ପିଆଶାଳ ଗଛମାନଙ୍କରୁ ପତ୍ରଗୁଡ଼ିଏ ଆଣି ପିଲ୍‌ଖେଳ ଭଳି ତିଆରି କଲା ଗୋଟିଏ ପତ୍ର ରଥ ।

Digitized by srujan ka@gmail.com

ପ୍ରବୀର ପଚାରିଲା – ଏଥିରେ କଣ ହେବ ?

କହିଲା—ପବନରେ ଉଡ଼ିବ । ଆମେ ଏଥିରେ ବସି ଚାଲି ଯିବା କନକ ଚମ୍ପା ପାଖକୁ ।

ପ୍ରବୀର କହିଲା – ତୁମେ ମୋତେ ଠକୁଛ । ସାମାନ୍ୟ ପତ୍ରରଥ ଉପରେ ଆମେ ମଣିଷ ଯୋଡ଼ାକ ବସୁ ବସୁ ସେ ତ ଫାଟିଯିବ, ଆଉ ଏତେ ବାଟ ଆମେ ଯିବା କେମିତି ?

ସନ୍ଧ୍ୟା କହିଲା—ଚକୁଳି ଖାଇବା ଲୋକର ବିନ୍ଧ ଗଣିବା କି ଦରକାର ? ତୁମେ ତ ରଥରେ ବସି ଉଡ଼ିଗଲେ ଗଲା, ଏତେ କଥା ପଡ଼ୁଛି କାହିଁକି ?

ନୀରବ ରହିଲା ପ୍ରବୀର । ସନ୍ଧ୍ୟାବାଳୀ ପତ୍ର ରଥଟି ତିଆରି କରି ସାରି ମନ୍ତ୍ର ବଳରେ ତାକୁ ଶକ୍ତ କରିଦେଲା । ପରେ ପ୍ରବୀରକୁ କହିଲା—ବସ । ପ୍ରବୀର ଓ ସେ ଦୁହେଁ ଯାକ ବସିଲେ । ସନ୍ଧ୍ୟା କହିଲା—

ଉଡ଼ିବୁ ରଥ   ପତର ରଥ
କନକ ଚମ୍ପା ଖୋଜ
ତୋତେ ମୁଁ ଦେବି   ମହୁଆ ଖୋଇ
ତା ପରେ ବଣଭୋଜି ।

କନକ ଚମ୍ପା ମୁକ୍ତି

ଉଡ଼ିଲା ପତ୍ର ରଥ ଘର ଘର ହୋଇ ଉପରକୁ । ପ୍ରବୀରକୁ ଭାରି ଆରାମ ବି ଲାଗିଲା । ମନ ମଉଜରେ ସନ୍ଧ୍ୟାବାଳୀ ଦେହରେ ଦେହ ଘଷାଘଷି କରି ବସିଥାଏ । ଗପ ପଡ଼ିଥାଏ ରାଇଜଯାକର । ହଂସ, ଗୁଡ଼ି, ଥଣ୍ଟା, ଚାମଚା ସବୁ ଉଡୁଛି ଚାଲିଥାଏ । ଯୋଗକୁ ବି ସେଦିନ ହୋଇଥାଏ ଶନିବାର । ଠିକ୍ ସନ୍ଧ୍ୟାବେଳେ ରଥ ଯାଇ ଲାଗିଲା କନକ ଚମ୍ପା ମୂଳରେ ।

Digitized by srujan ka@gmail.com

ପ୍ରବୀର ଡାକିଲା—କନକ ଚମ୍ପା ।
ଗଛ କହିଲା—ଉଁ ।
କହିଲା—ମୁଁ ଆସିଛି ତୁମକୁ ବଞ୍ଚାଇବାକୁ ।
ଗଛ କହିଲା—

ବିଶ୍ୱାସଘାତକ ପୁରୁଷ ଦେଇଛି
ମୋତେ ଏ ଚିର ଯନ୍ତ୍ରଣା
ତୁମେ କାହିଁ ପାଇଁ ତ୍ରାଣ କରିବାକୁ
କରୁଛ କହ ମନ୍ତ୍ରଣା ।
ଚରତେ ନାହିଁ ମୋ ଅନ୍ତରେ କଦାପି
ପୁରୁଷକୁ କେତେବେଳେ
ସାନ ଭାଇ ଯେବେ ଖଣ୍ଡାରେ ହାଣିଲା
ସେ କାଳରୁ ଅବହେଳେ ।

ପ୍ରବୀର କହିଲା—ସେ ସବୁ କଥା ମନରୁ ପାଶୋରି ଦିଅ କନକ । ତୁମ ପାଇଁ ମୁଁ ଜୀବନକୁ ପାଣିଛଡ଼ାଇ ବହୁତ ପରିଶ୍ରମ କରିଛି । ଦେଶ ଦୁନିଆରେ ଯେତେ ଦୁଃଖ, କଷ୍ଟ ସବୁ ଟେକି ନେଇଛି ମୁଣ୍ଡ ଉପରକୁ । ବନ ଦେବୀ ବର ଦେଇଛନ୍ତି ତୁମେ ବଞ୍ଚିବାକୁ । ମୁଁ କେବଳ ନିମିତ୍ତ ମାତ୍ର । ଆଉ କିଛି ଦୁଃଖ ନ କରି କହ—ବଞ୍ଚିବା ମନ୍ତ୍ର ପଢ଼ିବି ?

ଗଛ ପଚାରିଲା—ତୁମ ସଙ୍ଗରେ ସେ ଜଣକ କିଏ ?

ପ୍ରବୀର କହିଲା—ତାଙ୍କ ନାଁ ସନ୍ଧ୍ୟାବଳୀ । ଚନ୍ଦ୍ରଲୋକବାସିନୀ ସେ । ମୋତେ ଭାରି ଭଲ ପାଆନ୍ତି । ମୁଁ ବି ତାଙ୍କୁ ଭଲ ପାଏ । ଦୁହେଁ ସତ୍ୟ କରିଛୁ ନୀଡ଼ ରଚନା କରିବୁ ବୋଲି ।

ଗଛ କହିଲା—ମୁଁ ବଞ୍ଚିଲେ ସେ ମୋତେ ହିଂସା କରିବେ ?
ଫିକ୍ କିନା ହସି ଉଠିଲା ସନ୍ଧ୍ୟା । କହିଲା—

Digitized by srujan ka@gmail.com

ଭଉଣୀ ନ କରେ ହିଂସା ଭଉଣୀକୁ
ଯେଣୁ ସବେ ଏକା ନାରୀ
ନାରୀ ହୋଇ ନାରୀ ବେଦନା ନ ଜାଣେ
ଏମନ୍ତ ଯେ ସେହି ଦାରୀ ।
ବୃକ୍ଷରାଜ ଅଟେ ସର୍ବଶ୍ରେଷ୍ଠ ଗୁଣରେ
ପଥର ଅପେକ୍ଷା ଟାଣ
ମନ ତାର ଆଣ୍ଠ ଶାଖା ତା ଗରଷ୍ଠ
ଜୀବନ ଅଣ୍ଡ ପାଷାଣ ।
ତଥାପି ବଲ୍ଲରୀ ଆଶ୍ରା ମାଗି ତାକୁ
ନିରାଶ ନ ହୁଏ ଭବେ
ଏକ ହେଉ ଅବା ଅଧିକ ହେଉ ସେ
କୋଳେ ଧରେ ଗଉରବେ ।
ଏକ ଡାଳେ ତାର ଆଶ୍ରିତା ମାଳତୀ
ମାଧବୀ ଅପର ଡାଳେ
ଆଶ୍ରା ନେଇ ସୁଖେ ଝକଣି ଖେଳାଇ
ପବନର ତିଳେ ତାଳେ ।
କେହି ତ କାହାକୁ ନ କରଇ ହିଂସା
ନ ଲାଗେ ବାଦ ବିବାଦ
ଏକ ବୃକ୍ଷେ ବେନି ଆଶ୍ରିତ ରହିଲେ
କଥା ହେବ ପରମାଦ ?

ସନ୍ଧ୍ୟାବାଳୀର ଯୁକ୍ତି ଶୁଣି ନୀରବ ହେଲା କନକ । ପ୍ରବୀର ବି ବିଳମ୍ବ ନ କରି ମୂଳରେ ବସିଲା ଓ ଅଢ଼େଇ ଅକ୍ଷରୀ ମନ୍ତ୍ରକୁ ଜପ କଲା ଶହେ ଆଠ ଥର । ଗଛଟି ଧୀରେ ଧୀରେ ପାଟ ଶାଢ଼ୀ ଓ ଆପୁ ଅଳଙ୍କାର ପିନ୍ଧି ଧୀରେ ଧୀରେ ଠିଆ ହୋଇଗଲା କଣ୍ଢେଇଟିଏ ହୋଇ ।

Digitized by srujan ka@gmail.com

ସନ୍ଧ୍ୟା ତାକୁ କୁଣ୍ଢାଇ ପକାଇବ ବୋଲି ଦଉଡ଼ିଗଲା ବେଳକୁ ସେ ଅତି ନମ୍ର ଭାବରେ ପ୍ରଥମ ଏବଂ ସନ୍ଧ୍ୟା ଦୁହିଁଙ୍କ ପ୍ରଣାମ କରି ଗ୍ରହଣ କଲା ଚରଣ ଧୂଳି । ତା ପରେ କହିଲା— ତୁମେ ଆଜି ଯୁଗଟାକୁ ଓଲଟାଇ ଦେଇଛ ।

ନଦୀ ଜଳରୁ ଶଙ୍ଖ ବଜାଇ ବଜାଇ ଉପରକୁ ଉଠିଲେ ମା ଗଙ୍ଗା ଦେବୀ । ହସି ହସି କହିଲେ— ଖାଲି ଯୁଗ ନୁହେଁ ଜଲ୍ଲା କନକ, ଧାରଣା ବି ଓଲଟି ଗଲ । ସବୁ ପୁରୁଷ ଖରାପ ନୁହନ୍ତି କି ସବୁ ନାରୀ ବି ଖରାପ ନୁହନ୍ତି । ଏକମାତ୍ର ପ୍ରକୃତ ଖରାପ ଯାହାର, ସେହି କରେ ସବୁ ପ୍ରକାର ହୀନକାର୍ଯ୍ୟ ।

ଭଲ ଯେ, ସେ ତ କାଳେ କାଳେ ଭଲ ।

ଗଙ୍ଗା ଦେବୀଙ୍କୁ ଦେଖି ସମସ୍ତେ ଯାଇ ସାଷ୍ଟାଙ୍ଗ ପ୍ରଣିପାତ କଲେ । ଦେବୀ ସନ୍ତୋଷରେ ଆଶୀର୍ବାଦ କରୁ କରୁ କହିଲେ—

ସବୁ ଗଜ ମୁଣ୍ଡେ ନ ଥାଏ ମୁକୁତା
ସବୁ ସାପ ମୁଣ୍ଡେ ନ ଥାଏ ମଣି
ଏକ ଏକ ଗିରି ଗରଭ ବାଘରେ
ଏ ଦେଶେ ପୁଣି ତ ସୁନାର ଖଣି ?
ସବୁ କୁସୁମରେ ନ ଥାଏ ମହକ
ସବୁ ଗଛେ ନ ଲାଗଇ ମଳୟ
ଅନାବନା ବୃକ୍ଷ ଗୁଳ ଚେର ପୁଣି
ଜଗତ ରୋଗକୁ କରେ ତ ଜୟ ?
ସମସ୍ତଙ୍କ ଠାରେ ନ ଥାଏ ସୁଗୁଣ
ଦୋଷ ବି ନ ଥାଏ ସମସ୍ତଙ୍କର
ପ୍ରକୃତ ବଂଶରୁ ଦୁଷ୍ଟ ଦୁଷ୍ଟା ଶିଷ୍ଟ
ଶିଷ୍ଟା ଦେଖା ଯାଆନ୍ତି ନାରୀ ନର ।

Digitized by srujan ka@gmail.com

ମୋର ଏହି କଥା ଉପରେ ଭରସା ରଖି ପଞ୍ଚ କଥାପାଇଁ କନକ ଚମ୍ପା ଭୁଲିଯାଉ । ପ୍ରବୀର ମୋର ନାତି । କନକଂ ବ ମୋତେ ଫୁଲ ଅର୍ଘ୍ୟ ଦେଇ ପୂଜା କରୁଛି । ସନ୍ଧ୍ୟା ଆସିଛି ଚନ୍ଦ୍ରଲୋକରୁ ସତ୍ୟ ରକ୍ଷା କରିବାକୁ । ସମସ୍ତଙ୍କ ସାଙ୍ଗରେ ମୋ କଥା ବି ରହୁ ।

ଗାଈ ଚରୁ ଘଣ୍ଟି ବାଜୁ,
ପବନ ବହୁ ମେଘ ସାଜୁ ।

ତିନଙ୍କି ତିନହେଁ ମୋ ଆଜ୍ଞାରେ ବିଭା ହୋଇ ଯୁଗ ଯୁଗର କର । ଏହି ଦୁର୍ଗ ଅଛି । ବହୁ କାଳରୁ ଏଥିରେ କେହି ରହୁ ନାହାନ୍ତି । ମୁଁ ଆଜ ତୁମମାନଙ୍କୁ ଏହା ଦାନ କଲି । ପ୍ରଭୁ ଯୁଗ ଯୁଗ ପାଇଁ ସମସ୍ତଙ୍କର ମଙ୍ଗଳ କରନ୍ତୁ ।

ଏ କଥା ଶୁଣି ସମସ୍ତେ ପୁଣି ଥରେ ଗଙ୍ଗା ଦେବୀଙ୍କୁ ପ୍ରଣାମ କଲେ । ଦେବୀ ଆଣିଥିଲେ ମୁକ୍ତାମାଳ ଗୁଡ଼ିଏ । ଯୋଡ଼ିଏ ଦେଲେ ପ୍ରବୀରକୁ, ଗୋଟିଏ ସନ୍ଧ୍ୟାକୁ ଓ ଗୋଟିଏ କନକକୁ । କହିଲେ—ମାଳ ବଦଳ କରି ଗନ୍ଧର୍ବ ବିଧି ଅନୁସାରେ ବିଭା ହୁଅ ।

ଦେବୀଙ୍କ କଥାରେ ଆଉ କେହି କିଛି ପ୍ରତିବାଦ କଲେ ନାହିଁ । ସଙ୍ଗେ ସଙ୍ଗେ ମାଳ ବଦଳ କରି ବିବାହ ବନ୍ଧନରେ ବାନ୍ଧି ହେଲେ । ତାଙ୍କ ବାହାଘର ଦେଖି ମଙ୍ଗଳ କୋଇଲି ବଜାଇ ଦେଲା ମଙ୍ଗଳ ଶଙ୍ଖ ।

—o—

ଶୁଆ ଶାରୀଙ୍କ ମିଳନ

ଶାରୀ ହସିଦେଲା କରକର କରକର ।

ଶୁଆ କହିଲା—କଣ ହେଲା କି ତୋର ?

ଶାରୀ କହିଲା—କିଛି ନାହିଁ, କିଛି ନାହିଁ, କିଛି ହୋଇ ନାହିଁ ମ । ଖାଲି ଏତିକି ଯେ, ସବୁ କଥାପାଇଁ ଫଇସଲା କରିଦେଲୁ ଏକା

ଅରକେ ତୋର ମୁହଁରେ । ସାରା ରାତ ଅନିଦ୍ରା ହୋଇ ମିଛଟାରେ କଳି ଲଗାଉଥିଲେ ଭଲ କାହିଁକ ?

ଶୁଆ କହିଲା—ପୁଣି ଲଗୁ । ଧମ କଣ କାହାର ଅଛୁ ?

ଶାରୀ କହିଲା—ଲଗିବ ତ ଲଗିବ, କାଲିକ ଲଗିବ । ଆଜ ରାତ ଆସି ପାହିବାକୁ ବସିଲାଣି । ସକାଳ ହେଲେ ପେଟ ଚିନ୍ତାରେ ଯିଏ ଯୁଆଡ଼େ ଦଉଡ଼ିବା । ମିଛଟାରେ କାହାଣୀ ଖଣ୍ଡିଆ କରିବା କାହିଁକ ?

ସେହି ଆଖପାଖରେ ଥିଲା ଗୋଟିଏ କାକାତୁଆର ବସା । ସେ ବଚର ବୁଢ଼ା ହୋଇ ଯାଇଥାଏ । ଜୀବନଟା ଖୋଜୁଥାଏ ପୂରା ବିଶ୍ରାମ । ସେଦିନ ରାତଯାକ ଶୁଆ ଶାରୀ ଦୁହେଁ କାଉଁରୁ ମାଉଁରୁ ହେବାରୁ ତାକୁ ମୋଟେ ସୁଖନିଦ୍ରା ଆସିଲା ନାହିଁ । ତେଣୁ ସେ ବହୁତ ବିରକ୍ତ ହୋଇଥିଲା । ବର୍ତ୍ତମାନ ପୁଣି କାଲି ରାତକ ପାଇଁ ଯୋଗାଡ଼ ଚାଲିବା ଦେଖି ଆଉ ତୁନ ହୋଇ ରହି ପାରିଲା ନାହିଁ । କହିଲା – ଆରେ, ତୁମ ଦିହିଁଙ୍କର କଣ କାମ ଦାମ କିଛି ନାହିଁ ନା। କଣ ଯେ, ଖାଲି ଗୁଡ଼ାଏ ବାଜେ କଥାରେ ସମୟ ନଷ୍ଟ କରୁଛ ?

ଶାରୀ ପଚାରିଲା—କଣ ?

କାକାତୁଆ କହିଲା—ଆରେ ବାବା, ଏ ଜଗତଟାକୁ ଯେ ସର୍ଜନା କରିଛି, ସେ ତ ପାଞ୍ଚ ଆଙ୍ଗୁଠିରେ ରଖିଛି ବଡ଼ ସାନ । ଜହ୍ନ ଦେହରେ କଳା ଦାଗ, ସମୁଦ୍ର ପାଣିରେ ଲୁଣି, ଚନ୍ଦନ ଗଛରେ ପିତା । ତୁମେ କଣ ତାକୁ ବଦଳାଇ ଦେଇ ପାରିବ ?

ଶୁଆ କହିଲା—ସେଇଥି ପାଇଁ ପରା ମୁଁ ମିଳନ ଅଧ୍ୟାୟଟି ପଢ଼ିଦେଲି ହୋ କାକାତୁଆ ମଉସା ! ଆଉ ଥିବ ନା କଳି ଲଗିବ ?

କାକତୁଆ କହିଲା—ଏଇଟା ଯେ ବୁଦ୍ଧିମାନର କାମ । ଦୁହେଁ ଯାକ ତ ସାରା ରାତ ଲଢ଼ିଲ, ଅଣ୍ଟ ମୁନ ବଙ୍କା କଲ । କେହି ହଲେ କାହାକୁ ଟିପେ ବଳି ପାରିଲ ନାହିଁ । ଶୁଆ ଯେମିତି ଶାରୀ

Digitized by srujan ka@gmail.com

ବ ସେମିତ । କଥା କହିବାରେ ଦୁହିଁଙ୍କି ଦୁହେଁ ଟାଣୁଥା । କାହାଣୀ ବ ଜଣାଅଛି ଖୁବ୍ । କହୁଥିଲେ ତ କହୁଥିବ । ମିଛଟାରେ ଭୁଣ୍ଡ ମୁଣ୍ଡ ବଥାଇବ କାହିଁକ ? ମୁଁ ମଝିରେ ମଧ୍ୟସ୍ଥ ହୋଇ କଥାଟା ଭାଙ୍ଗି ଦେଉଛି, ମାନ ଯାଅ ।

କଥାଟା ଶୁଆ ଶାରୀ ଦୁହିଁଙ୍କ ମନକୁ ପାଇବାରୁ ସେ କହିଲେ—ଭଲ ହେଲା, ଆମେ ତୁମକୁ ମଧ୍ୟସ୍ଥ ସ୍ଥାପିଲୁ । ଆମ କଳିଟା ଟିକଏ ସକାଳୁ ସକାଳୁ ଭାଙ୍ଗି ଦିଅ । ତା ନ ହେଲେ କାହାଣୀ ବେଶି ହୋଇଯିବ । ବଢ଼ି ଉଠିବ ବହିର ସଂଖ୍ୟା । ଆଜକାଲ ମଲା ମାଇଲା କାଳ । ଦାମ୍ଗୁଡ଼ା ବେଶି ହୋଇଗଲେ ଗରାଖ ବଗିଡ଼ି ଯିବେ । କିଣିବେ କେମିତ ?

କାକାତୁଆ କହିଲା—ଠିକ୍ । ତୁମ କଳିଗୁଡ଼ାକ ମୁଁ ଖୁବ୍ ସଂକ୍ଷେପରେ ଭାଙ୍ଗି ଦେଉଛି ଶୁଣ । ସବୁ ପୁରୁଷ ଭଲ ନୁହନ୍ତି କ ସବୁ ସ୍ତ୍ରୀ ଭଲ ନୁହନ୍ତି । ଖରାପ ବ ନୁହନ୍ତି । ତାର ଭିତରେ ଅଛନ୍ତି କାଚ, ତାର ଭିତରେ ଅଛନ୍ତି ମଣି ।

ତୋ ଜାତଟା ଶୁଆ, ତା ଜାତଟା ଶାରୀ । ତୁମ ଭିତରେ ମିଛଟାରେ ଟଣାଟଣି କାହିଁକି ? ମୁଁ ତୁମ ଦୁହିଁଙ୍କି କାହାଣୀ ଲଢ଼େଇରେ ଏକ ସମାନ କରିଦେଲି । ତୁମେ କେହି କାହାକୁ କମ୍ ନୁହଁ । ଏବେ ଆରେକ ବନ୍ଧୁତାର ନ୍ୟାୟରେ ହାତ ମିଳାଅ । ଶାରୀ ପୁରୁଷ ନିନ୍ଦା ଛାଡ଼ିଦେଉ । ଶୁଆ ସ୍ତ୍ରୀମାନଙ୍କୁ ସମ୍ମାନ ଦେଖାଉ । ମୋର ଇଚ୍ଛା ଥିଲା, ଦୁହିଁଙ୍କୁ ବାହାକରି ଦେବାକୁ; ମାତ୍ର ବଡ଼ ଅଡୁଆ ପଡ଼ିବ ।

କାରଣ ?

ଶୁଆ ଗୋଟିଏ ପାଟକ, ଶାରୀ ବ ଗୋଟିଏ ପାଟକ । ବିଭାଘର କଲେ ସୃଷ୍ଟି ହେବେ ଖାଲି ବର୍ଣ୍ଣସଙ୍କର । ତେଣୁ ସେ କଥା ଛାଡ଼ି ଚାଲିବାଲିଙ୍କ ପରି ମିଳନ ହୋଇଯାଉ ।

Digitized by srujan ka@gmail.com

ଶୁଆ ଶାରୀ ଆଉ କଳିକଜିଆ ନ କରି କାକତୁଆ କଥା ମାନି ନେଲେ । ସେ ତା ମୁହଁକୁ ଅନାଇ ହସିଦେଲା, ସେ ତା ମୁହଁକୁ ଅନାଇ ହସିଦେଲା । କଥା ସରିଲା । କାକତୁଆ ସେତିକିବେଳେ ଗାଇଦେଲା ଯୋଡ଼ାଏ ପଦ ଗୀତ ।

ଶୁଆ ଶାରୀଙ୍କର କାହାଣୀ ଶେଷରେ ମିଳାଇଲା କାକତୁଆ
ଗୀତ ଗାଉଥିଲା ବନସ୍ତେ ମୟୁରୀ କପୋତ ଧଇଲା ଦୁଆ ।
ଶାରଦା ପ୍ରେସର ଶରଧାକୁ ଦେଖି ଲେଖିଗଲା ଧୀରେ କବି
ନକଲ ନୁହଇ ଅକଲରେ ଗଢ଼ା ପଦ ପଦକରେ ଛବି ।
ପଢ଼ିଲେ ଶୁଣିଲେ ଜାଣିବେ ଭାବୁକ କାହାଣୀ ନୁହେଁ ଏ ମଣି
ଯେତେ ପଢ଼ୁଥିବ ମନ ବଢ଼ୁଥିବ ଖୋଲା ପରି ସୁନା ଖଣି ।
ଶୁଆ ଶାରୀ ଗଲେ ଚରା କରିବାକୁ ହରିନାମ ଗାଇ ମୁଖେ
ଲେଖମା ସମ୍ଭାଳି ରଖିଲା ଲେଖକ କାଳ କାଟି ସୁଖ ଦୁଃଖେ ।
ଜୟ ଜଗବନ୍ଧୁ ଅନାଥର ବନ୍ଧୁ ନୀଳାଦ୍ରିନାଥଙ୍କ ପାଦେ
ଦୁଃଖ ଦୂର ପାଇଁ ମାଗ ସର୍ବେ ଭିକ୍ଷା ଆନନ୍ଦେ ବା ନିରାନନ୍ଦେ ।
ଭାଇ ଭଉଣୀଏ ଏଇଟି ସରିଲା ମନ ମହକିଆ ଗପ
ବରଷି ଆସିଲା ଉତ୍ତର ଦିଗରୁ ଅକାଳ ମେଘର ଝପ ।

ସ ମା ପ୍ତ

—ଃ*ଃ—

ମୁଦ୍ରାକର—ଶ୍ରୀ ନାରାୟଣ ପଣ୍ଡା, ଶାରଦା ପ୍ରେସ୍
ସେକ୍ ବଜାର, କଟକ-୮

Digitized by srujan ka@gmail.com

ଶାରଦା ପ୍ରେସ ପ୍ରକାଶିତ ପୁସ୍ତକାବଳୀ

ମହାଲକ୍ଷ୍ମୀ ପୁରାଣ	୫-୦୦	ବେତାଳ ପଞ୍ଚବିଂଶତି	୩-୫୦
ସଙ୍ଗ ବିନୋଦ	୫-୨୫	ଗୀତ ଗୋବିନ୍ଦ	୧-୯୫
ଶୁଆସାରୀ ସେଟ୍	୭-୫୦	ଅବୋଲକରା ସେଟ୍	୮-୨
ପଦ୍ମ ପୁରାଣ	୪-୫୦	ଶ୍ରୀମଦ୍ଭାଗବତ ଗୀତା	
ବିଲଙ୍କା (ପୂର୍ବ)	୩-୦୦	ଲକ୍ଷ୍ମୀପୁରାଣ (ଗ୍ଲେଠ)	
ବିଲଙ୍କା (ଉତ୍ତର)	୩-୫୦	ଶୁକବିଳାସ	
କଳ୍କି ପୁରାଣ	୫-୦୦	ଖୁଲଣା ସୁନ୍ଦରୀ	୩-୫୦
ଜୈମିନି ଭାରତ	୮-୦୦	ଚଟଶାଳୀ ପାଠ	୧-୨୫
ଗରୁଡ଼ ପୁରାଣ	୩-୨୫	ଟୀକା ଗୋବିନ୍ଦଚନ୍ଦ୍ର	୧-୨୫
ମାର୍କଣ୍ଡେୟ ପୁରାଣ	୭-୦୦	ହନୁମାନ ପ୍ରଶ୍ନ	୧-୨୫
ସୂର୍ଯ୍ୟ ପୁରାଣ	୩-୫୦	ବର୍ଣ୍ଣବୋଧ	୦-୯୦
ଶ୍ରୀରାମଲୀଳା	୪-୫୦	ଗୋପଲୀଳା	୪-୫୦
ଟୀକା ରାମାୟଣ	୧-୨୫	ଏକାଦଶ ସ୍କନ୍ଧ	୩-୫୦
କାର୍ତ୍ତିକ ମାହାତ୍ମ୍ୟ	୩-୨୫	ଉତ୍କଳ କାହାଣୀ	୧-୭୫
ସ୍ୱପ୍ନ ରତ୍ନାକର	୩-୨୫	ଅଦ୍ଭୁତ କାହାଣୀ	୧-୫୦
ବତିଶ ସିଂହାସନ	୩-୫୦	ନାଟକେଦମ୍ (ସେଟ୍)	୩-୦୦
ବାତ୍ୟଚାଭକ୍ତି ସେଟ୍	୭-୫୦	ଚଣ୍ଡୀପୁରାଣ	୩-୭୫
ଭାଗବତ ସେଟ୍	୩୨-୦୦	ନାମରତ୍ନ ଗୀତା	୪-୫୦
ଦ୍ୱାରକା ଲୀଳା	୫-୦୦	ହିଙ୍ଗଣୀ	୦-୮୦
ଖନାବଚନ	୨-୨୫	କୋକଶାସ୍ତ୍ର	୩-୫
ଗଣେଶ ପୁରାଣ	୨-୭୫	ରାଜକୁମାରୀ (ସେଟ୍)	୫-୫

—ପ୍ରାପ୍ତିସ୍ଥାନ—

ଶାରଦା ପ୍ରେସ

ଶେଖ ବଜାର, କଟକ—୮

Digitized by srujan ka@gmail.com